୬ ଭାରତକୁ ୫୦ ରନ୍‌ରେ ହରାଇଲା ନ୍ୟୁଜିଲାଣ୍ଡ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00




● ବର୍ଷ–୩୩ ● ସଂଖ୍ୟା–୩ ● ୨୯ ଜାନୁଆରୀ ୨୦୨୬, ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-3 ● 29th January 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସମେତ ୬ଜଣଙ୍କ ମୃତ୍ୟୁ

**ବାରାମତି, ୨୮।୧**

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ବୁଧବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣା ପୁଣେ ଜିଲ୍ଲାର ବାରାମତୀରେ ଲ୍ୟାଣ୍ଡିଂ ସମୟରେ ଘଟିଥିଲା। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଅଜିତ ପାୱାର ନିର୍ବାଚନୀ ରାଲି ପାଇଁ ମୁମ୍ବାଇରୁ ବାରାମତୀ ଯାଉଥିଲେ। ଏହି ଦୁର୍ଘଟଣାରେ ଅଜିତ ପାୱାରଙ୍କ ସହିତ ବିମାନରେ ଯାତ୍ରା କରୁଥିବା ମୋଟ ଛଅ ଜଣଙ୍କ ମୃତ୍ୟୁ ଘଟିଛି। ଏନେଇ ଡିଜିସିଏ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଅଜିତ ପାୱାର ବୁଧବାର ସକାଳେ ନିର୍ବାଚନୀ ରାଲି ପାଇଁ ମୁମ୍ବାଇରୁ ବାରାମତୀକୁ ଯାତ୍ରା କରୁଥିଲେ। ଯାନ୍ତ୍ରିକ ତ୍ରୁଟି କାରଣରୁ ଜରୁରୀକାଳୀନ ଲ୍ୟାଣ୍ଡିଂ ସମୟରେ ସକାଳ ୯ଟାରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାର ସୂଚନା ମିଳିବା ସହିତ ଅଗ୍ନିଶମ ବିଭାଗ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ।

ଏହି ଦୁର୍ଘଟଣା ସହିତ ସମ୍ପୃକ୍ତ କିଛି ଆଶ୍ଚର୍ଯ୍ୟଜନକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ବିମାନରେ *(ପୃଷ୍ଠା ୭ରେ)*



## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଏହି ଭୟଙ୍କର ଦୁର୍ଘଟଣା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଲେଖିଛନ୍ତି, 'ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସମେତ ୬ଯାତ୍ରୀଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖଦ ଘଟଣା। ଅଜିତ ପାୱାରଙ୍କ ଅକାଳ ବିୟୋଗ ଏକ ଅପୂରଣୀୟ କ୍ଷତି। ମହାରାଷ୍ଟ୍ରର ବିକାଶରେ ବିଶେଷକରି ସମବାୟ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ *(ପୃଷ୍ଠା ୭ରେ)*

## ମହାରାଷ୍ଟ୍ରରେ ତିନିଦିନିଆ ଶୋକ

**ମୁମ୍ବାଇ, ୨୮।୧**

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡର୍ଣ୍ଣାଭିସ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିୟୋଗରେ ରାଜ୍ୟରେ ତିନି ଦିନିଆ ରାଜକୀୟ ଶୋକ ଓ ଦିନିକିଆ ସର୍ବସାଧାରଣ ଛୁଟି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡର୍ଣ୍ଣାଭିସ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ ଅଜିତ ପାୱାର ଜଣେ ଦୃଢ଼ ଓ ମନରୁ ଲୋକମାନଙ୍କ ସହ ଯୋଡି ହୋଇଥିବା ନେତା ଥିଲେ। ଅତ୍ୟଧିକ ସଂଘର୍ଷ ପରେ ସେ ଏହି ସ୍ଥାନକୁ ପହଞ୍ଚିଥିଲେ। ମହାରାଷ୍ଟ୍ରର ବିକାଶ ପାଇଁ ତାଙ୍କର ଆଉ ଅନେକ କାମ କରିବାକୁ ଥିଲା।

ମୁଖ୍ୟମନ୍ତ୍ରୀ ଫଡର୍ଣ୍ଣାଭିସ କହିଛନ୍ତି ଯେ ଆଜିର ଦିନ ମହାରାଷ୍ଟ୍ର ପାଇଁ ଅତ୍ୟନ୍ତ କଷ୍ଟକର ଦିନ। ଏପରି ନେତୃତ୍ୱ ତିଆରି ହେବାରେ ବହୁତ ସମୟ ଲାଗେ। ତାଙ୍କ ବିୟୋଗରେ ସମଗ୍ର *(ପୃଷ୍ଠା ୭ରେ)*

# ନବ ନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ପ୍ରଭାବହୀନ

**ଭୁବନେଶ୍ୱର, ୨୮।୧**
**ନ୍ୟୁଜ୍ ବ୍ୟୁରୋ**

ମଣ୍ଡିରେ ବେଆଇନ କଟନୀ ଛଟନୀ ମଣ୍ଡିରେ ଚାଷୀଙ୍କ ବଦଳରେ ବେପାରୀମାନେ ଲମ୍ବା ଲାଇନ ଲଗାଇ ଧାନ ଦେବା ଏବଂ ଚାଷୀଙ୍କୁ ତାଙ୍କ ଧାର୍ଯ୍ୟ ପରିମାଣ ବଦଳରେ କିଣିବା ପାଇଁ ଟୋକନରେ କମ୍ ପରିମାଣରେ ଆସିବା, ବହୁ ବିଳମ୍ବରେ ମଣ୍ଡିରେ ଧାନ ସଂଗ୍ରହ ହେବା ଓ ପ୍ରଦୂଷଣ ନାମରେ ଲକ୍ଷ ଲକ୍ଷ ଲୋକଙ୍କ ଉପରେ ଜରିମାନା, ଟାଟା ପାୱାର ସ୍ମାର୍ଟ ମିଟର ନାଁରେ ଗ୍ରାହକ ଶୋଷଣ ବିରୁଦ୍ଧରେ ବୁଧବାର ବନ୍ଦ ଡାକରା ଦେଇଥିବା ନବନିର୍ମାଣ କୃଷକ ସଂଗଠନ ବନ୍ଦ ପାଳନ ସଫଳ ହୋଇଛି ବୋଲି ଦାବି କରିଛି।

ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ମୟୂରଭଞ୍ଜର ବେତନଟୀ ଠାରୁ ଆରମ୍ଭ କରି ଜଗତସିଂହପୁରର ବାଲିକୁଦା, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଜଟଣୀ ଓ ବାଘମାରୀ, ପୁରୀର ଗୋପ, ନୟାଗଡ଼, ଗଜପତି, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର, ମାଲକାନଗିରି ଆଦି ଅଞ୍ଚଳରେ



ବନ୍ଦର ପ୍ରଭାବ ଜୋରାଦାର ଅନୁଭୂତ ହୋଇଛି। ସରକାର ଯଦି ଏଭଳି ଘଟଣାରେ ହସ୍ତକ୍ଷେପ ନକରନ୍ତି ତେବେ ଆଗାମୀ ଦିନରେ ପ୍ରତିବାଦକୁ ତୀବ୍ର କରାଯିବ। ରାଜଧାନୀ ଭୁବନେଶ୍ୱରରେ ସଂଗଠନର ଯୁବଛାତ୍ର ସଂଗଠନ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ବନ୍ଦ ପାଳନ କରିଥିଲେ। ଯୁବଛାତ୍ର ସଂଗଠନର ଆହ୍ୱାନ କ୍ରମେ ଅଧିକାଂଶ ଦୋକାନ ବଜାର ବନ୍ଦ ଥିବା ବେଳେ ଯେଉଁମାନେ ଦୋକାନ ବଜାର ଖୋଲା ରଖିଥିଲେ ସେମାନଙ୍କୁ ସଂଗଠନ କର୍ମୀମାନେ ନିବେଦନ କରି ଦୋକାନ ବନ୍ଦ କରିବା ପାଇଁ କହିଥିଲେ। ଓଡ଼ିଶା ସରକାର ତୁରନ୍ତ ସଚିବାଳୟରେ ସ୍ୱତନ୍ତ୍ର ବୈଠକ ଡକାଇ ଏହାକୁ ତଦନ୍ତ ପାଇଁ ସ୍କ୍ୱାଡ ପଠାଇ ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହିତ ତୁରନ୍ତ ଚାଷୀଙ୍କ ସମସ୍ତ ଧାନ ଉଠାଇବା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ମୂଲ୍ୟ ବୃଦ୍ଧି ଉପରେ କେନ୍ଦ୍ର ସରକାରଙ୍କ ସମୀକ୍ଷା।
- ଶେୟାର ବଜାରରେ ଅସ୍ଥିରତା।
- ସଂଯୁକ୍ତ ସେନା ଅଭ୍ୟାସ କଲେ ପ୍ରତିରକ୍ଷା ବାହିନୀ।
- ବିମାନ ଯାତ୍ରୀ ସଂଖ୍ୟାରେ ବଡ଼ ବୃଦ୍ଧି।
- ରୋଗ ନିରୀକ୍ଷଣ ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସମୀକ୍ଷା।
- ଭୋଟର ତାଲିକା ନିୟମାବଳୀରେ ପରିବର୍ତ୍ତନ।
- ଜାତୀୟ ଶିକ୍ଷା ନୀତି ଉପରେ ଆଲୋଚନା।
- କ୍ରୀଡ଼ା ପ୍ରଶିକ୍ଷଣ ପାଇଁ ନୂଆ ପଦକ୍ଷେପ।
- ସ୍ମାର୍ଟ ମିଟର ସ୍ଥାପନକୁ ନେଇ ସାଧାରଣ ଲୋକଙ୍କ ଅସନ୍ତୋଷ।
- ଭୁବନେଶ୍ୱର ଟ୍ରାଫିକ ପୋଲିସ ନୂଆ ପରାମର୍ଶ ଜାରୀ କଲା।
- ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରଛାତ୍ରୀ ଅସୁସ୍ଥ।
- ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ଚୁକ୍ତି ଆଗକୁ ବଢ଼ିଲା।
- ଆୟୁର୍ବେଦରେ ଆଧୁନିକ ଟେକ୍ନୋଲୋଜି ଓ ଏଆଇର ବ୍ୟବହାରକୁ ବଢାଇବାକୁ ପଡିବ- ପ୍ରଧାନମନ୍ତ୍ରୀ।

# ରାଉରକେଲାକୁ ୮୮୮୪ କୋଟିର ଭେଟି ଦେଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୨୮।୧**
**ନ୍ୟୁଜ୍ ବ୍ୟୁରୋ**

ରାଉରକେଲାରେ ଏଣ୍ଟରପ୍ରାଇଜ ଓଡ଼ିଶାର ରଜତ ଜୟନ୍ତୀ ସଂସ୍କରଣ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଉରକେଲା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ବୁଧବାର ବଡ଼ ଘୋଷଣା କରିଛନ୍ତି। ସେ ୮୮୮୪ କୋଟିର ୨୦ଟି ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ୬୮୩୨ ଚାକିରି ମଧ୍ୟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

୨୨ଟି ଏମଓୟୁ ଓ ୫ଟି ନିବେଶ ପ୍ରସ୍ତାବରେ ୫୨୦୨୬ କୋଟି ଲକ୍ଷ୍ୟ ରଖାଯାଇଛି । ୨୦୪୨୭ ଚାକିରି ସମ୍ଭାବନା ନେଇ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଓଡ଼ିଶାର ଶିଳ୍ପ ବିକାଶର ମୂଳ ଇଞ୍ଜିନ ଭାବେ ଉଭା ହୋଇଛି ପଶ୍ଚିମ ଓଡ଼ିଶା। ଆମେ ସର୍ବୋତ୍ତମ ହେବୁ ଏବଂ ସର୍ବୋତ୍ତମଙ୍କ ସହ ପ୍ରତିଯୋଗିତା କରିବୁ ।

ସେହିପରି ଷ୍ଟିଲ ପ୍ଲାଣ୍ଟର ସଂପ୍ରସାରଣ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଖୁବଶୀଘ୍ର ରାଉରକେଲା ବିମାନବନ୍ଦର ଓ ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ହେବ । ଏନେଇ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି । ବିମାନବନ୍ଦରକୁ କାଟାଗୋରୀ-ସି କୁ ବୃଦ୍ଧି କରିବାକୁ ଯୋଜନା ଚାଲିଛି । କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ।

ଆମ ସରକାରଙ୍କ ନୀତି-ଭିତ୍ତିକ ଆଭିମୁଖ୍ୟ ଓଡ଼ିଶାରେ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ସହ ଏକ ସୁଦୃଢ଼ ଶିଳ୍ପ ପରିବେଶ ସୃଷ୍ଟି କରିବା ପାଇଁ ସଂକଳ୍ପବଦ୍ଧ। ବୁଧବାର ରାଉରକେଲାଠାରେ *(ପୃଷ୍ଠା ୭ରେ)*

# ସରକାରଙ୍କ ସଫଳତାର ରିପୋର୍ଟ ଦେଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୨୮।୧**

ସଂସଦର ବଜେଟ ଅଧିବେଶନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହିତ ଆରମ୍ଭ ହୋଇଛି। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ବୁଧବାର ଜାନୁଆରୀ ୨୮ରୁ ଫେବ୍ରୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁଙ୍କ ଏକ ଏକ୍ସ-ପୋଷ୍ଟ ଅନୁଯାୟୀ, ଦ୍ୱିତୀୟ ପର୍ଯ୍ୟାୟରେ ବଜେଟ ବିତର୍କ ହେବ। ଏହା ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ, ସଂସଦରେ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରାଯିବ, ଯେତେବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର, ଫେବ୍ରୁଆରୀ ୧ରେ ବଜେଟ୍ ଉପସ୍ଥାପନ କରିବେ। ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସରକାରଙ୍କ ସଫଳତାର ରିପୋର୍ଟ ଦେଇ କହିଛନ୍ତି, ସରକାର ଏକ



ବିକଶିତ ଭାରତ ପାଇଁ ସମୃଦ୍ଧ ଚାଷୀଙ୍କୁ ପ୍ରଥମ ପ୍ରାଥମିକତା ଭାବରେ ଦେଖୁଛନ୍ତି। ତେଣୁ ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ଗ୍ରାମାଞ୍ଚଳରେ ବିକାଶ ଓ ନିଯୁକ୍ତି ପାଇଁ ବିକଶିତ ଭାରତ - ଜୀ ରାମ ଜୀ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ବିରୋଧୀ ସଦସ୍ୟମାନେ ବିରୋଧ *(ପୃଷ୍ଠା ୭ରେ)*

## ପ୍ରଥମ ଥର ପାଇଁ ରବିବାର ଦିନ ଆସିବ ବଜେଟ୍

### ଆଜି ସଂସଦରେ ଉପସ୍ଥାପିତ ହେବ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ

**ନୂଆଦିଲ୍ଲୀ, ୨୮।୧**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର ପୂର୍ବାହ୍ନ ୧୧ଟାରେ ସଂସଦରେ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ୨୦୨୫-୨୬କୁ ଉପସ୍ଥାପନ କରିବେ। ଏହା ହେଉଛି କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ରଦର୍ଶନ ଓ ଦେଶର ଅର୍ଥନୈତିକ ସ୍ଥିତିର ଏକ ରିପୋର୍ଟ, ଯେଉଁଥିରେ ଅଭିବୃଦ୍ଧି ହାର, ମୁଣ୍ଡପିଛା ଆୟ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ଅଭିବୃଦ୍ଧି ତଥ୍ୟ ପ୍ରଦାନ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬, ୭୦୮ (+୫୧୩)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୩୧୫ (+୪୭୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨, ୫୩୧ (+୩୮୫)

## ରୁପା ଦର

ରୂପା – ପ୍ରତି ଗ୍ରାମ ୪୦୦ (+୧୩)

# ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ
## ନବୀନଙ୍କ ସହ ଆଲୋଚନା ପାଇଁ ଭକ୍ତଙ୍କ ପ୍ରସ୍ତାବ

**ଭୁବନେଶ୍ୱର, ୨୮।୧**
**ନ୍ୟୁଜ୍ ବ୍ୟୁରୋ**

ରୋଚକ ହେବାକୁ ଯାଉଛି ଆଗାମୀ ରାଜ୍ୟସଭା ନିର୍ବାଚନ। ଚତୁର୍ଥ ଆସନ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ନବୀନଙ୍କୁ ଭେଟିବାକୁ ସମୟ ମାଗିଛନ୍ତି ପିସିସି ସଭାପତି ଭକ୍ତ ଦାସ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ସମୟ ମାଗିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଫେବୃଆରୀ ପ୍ରଥମ ସପ୍ତାହରେ ନବୀନ ପଟ୍ଟନାୟକଙ୍କୁ ଭେଟିବେ ପିସିସି ସଭାପତି । ରାଜ୍ୟସଭା



ସିଟ ପାଇଁ ବିଜେଡିକୁ ସମର୍ଥନ ମାଗିବ କଂଗ୍ରେସ। ଏକାଠି ହୋଇ ରାଜ୍ୟ ହିତରେ କାମ କରିଥିବା ସଫଳ ବ୍ୟକ୍ତିତ୍ୱକୁ ରାଜ୍ୟସଭା ପଠେଇବାକୁ ଅନୁରୋଧ କରିବେ ବୋଲି କହିଛନ୍ତି ଭକ୍ତ ଦାସ। ପୂର୍ବରୁ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି କଂଗ୍ରେସ।

# ନିର୍ମାଣ ବିଭାଗର ୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପର ସମୀକ୍ଷା

**ଭୁବନେଶ୍ୱର, ୨୮।୧**
**ନ୍ୟୁଜ୍ ବ୍ୟୁରୋ**

ରାସ୍ତାଘାଟ ଠାରୁ ଆରମ୍ଭ କରି କୋଠାବାଡ଼ି, ଐତିହ୍ୟ କୀର୍ତ୍ତିରାଜି ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଦିଗରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ଚାଲୁ ରହିଥିବା ଭିତ୍ତିଭୂମି ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ କରି ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ଠିକା ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନେକ ପ୍ରକଳ୍ପର ନିର୍ମାଣ ଅଗ୍ରଗତି ସନ୍ତୋଷଜନକ । ତେବେ ବିଳମ୍ବିତ



ହେଉଥିବା ପ୍ରକଳ୍ପର କାରଣ ସମାଧାନ କରି ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆମକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

ବୁଧବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ହଲ୍‌ରେ ନିର୍ମାଣ ବିଭାଗ ପକ୍ଷରୁ ୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଓ ପୂର୍ବାହ୍ନ ୧୦.୩୦ ରୁ ରାତି ୮. ୩୦ ପର୍ଯ୍ୟନ୍ତ ଚାଲିଥିବା ଏହି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ *(ପୃଷ୍ଠା ୭ରେ)*

# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୧୧ ଯବାନ ଆହତ

**ମାଲକାନଗିରି, ୨୮।୧**
**ନ୍ୟୁଜ୍ ବ୍ୟୁରୋ**

ଗଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ନକ୍ସଲମାନେ ବଡ଼ ହମ୍‌ଲା ଯୋଜନା କରିଥିଲେ। ଏହାକୁ ପଣ୍ଡ କରିବାକୁ ସୁରକ୍ଷା ବାହିନୀର କମ୍ବିଂ ଅପରେସନ୍ ସମୟରେ ତେଲେଙ୍ଗାନା ସୀମାନ୍ତ କାରେଗୁଟ୍ଟା ଜଙ୍ଗଲରେ ନକ୍ସଲଙ୍କ ଶକ୍ତିଶାଳୀ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୧୧ ଜଣ ଯବାନ ଆହତ ହୋଇଛନ୍ତି। ସମସ୍ତଙ୍କୁ ହେଲିକପ୍ଟର ଯୋଗେ ଛତିଶଗଡ଼ ରାୟପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ଦେଶ ସ୍ୱାଧୀନତା ପରେ ମାଓବାଦୀଙ୍କ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବିକିଲେ ଦଣ୍ଡ କିଣିଲେ ଦଣ୍ଡ
ବନ୍ଦ ଗୁଟ୍‌ଖା ବିଡିପାନ
ସରକାରୀ କଥା ବୋଲି ଖାଲି ନୁହେଁ
ନିଜ ହିତେ ଭାବ ଧନ
ଗୁଟ୍‌ଖା ନିଏ ଜୀବନ
ଏଇ କଟକଣା ଦେଖାଯାଉ ଜନେ
ରହୁଅଛି କେତେଦିନ।

# ନିଟ୍ ପରୀକ୍ଷା ପୂର୍ବରୁ ବୌଦ୍ଧଧର୍ମ ଗ୍ରହଣକୁ ନେଇ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ




**ନୂଆଦିଲ୍ଲୀ, ୨୮।୧**

ସଂଖ୍ୟାଲଘୁ ସୁବିଧା ପାଇବା ପାଇଁ ନିଟ୍ ପରୀକ୍ଷା ପୂର୍ବରୁ ହରିୟାଣାର ଏକ ପରିବାର ବୌଦ୍ଧଧର୍ମ ଗ୍ରହଣ କରିଥିବାରୁ ସୁପ୍ରିମକୋର୍ଟ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି ଏବଂ ସଂଖ୍ୟାଲଘୁ ପ୍ରମାଣପତ୍ର ପ୍ରଦାନ ପ୍ରସଙ୍ଗରେ ହରିୟାଣା ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଉଦ୍ୟମକୁ ତୀବ୍ର ସମାଲୋଚନା କରିବା ସହ ପରିବାରର ଉଦ୍ଦେଶ୍ୟ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ସିଜେଆଇ ଏହାକୁ ଏକ ପ୍ରକାର ଜାଲିଆତି ବୋଲି କହିଛନ୍ତି।

ଏହି ମାମଲା ହରିୟାଣା ହିସାରର ଜାଠ ପରିବାର କ୍ରିଷ୍ଣା ପୁନିଆଙ୍କ ସନ୍ତାନ ନିତିନ ପୁନିଆ ଓ ଏକତା ପୁନିଆଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ପିଟିସନ ସହ ଜଡିତ। ସେମାନଙ୍କ ଆବେଦନ ଅନୁଯାୟୀ, ସେମାନେ ଉତ୍ତରପ୍ରଦେଶର ସୁଭାରତୀ ବିଶ୍ୱବିଦ୍ୟାଳୟର ସୁଭାରତୀ ମେଡିକାଲ୍ କଲେଜରେ ବୌଦ୍ଧ ସଂଖ୍ୟାଲଘୁ କୋଟା ଅଧୀନରେ ନାମ ଲେଖାଇବାକୁ ମନୋନୀତ ହୋଇଥିଲେ, କିନ୍ତୁ ସେମାନେ ସଫଳତାର ସହ ନିଟ୍-ପିଜି ପାଠ୍ୟକ୍ରମରେ ନାମ ଲେଖାଇପାରି ନ ଥିଲେ।

ଆବେଦନକାରୀମାନେ *(ପୃଷ୍ଠା ୭ରେ)*

# ଆଭ୍ୟନ୍ତର ଓଡ଼ିଶାରେ ଶୀତ ପ୍ରକୋପ ଜାରୀ

**ଭୁବନେଶ୍ୱର, ୨୮।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଉପକୂଳ ଅଞ୍ଚଳରେ ଶୀତ କମୁଥିବା ବେଳେ ପଶ୍ଚିମ ଓଡ଼ିଶାରୁ ମଧ୍ୟ ଶୀତ କମିବାର ଲାଗିଛି। କିନ୍ତୁ ଆଭ୍ୟନ୍ତରର କିଛି କିଛି ସ୍ଥାନରେ ଜାଡ଼ ଏବେ ବି ଜାରୀ ରହିଛି। ଘୁ ଉଦୟଗିରି ଏବେ ବି ୬.୮ ଡିଗ୍ରୀ ସର୍ବନିମ୍ନ ପାରଦ ସ୍ତରରେ ରହିଛି। ଆସନ୍ତା ୩ ଦିନରେ ରାଜ୍ୟର ରାତିର ତାପମାତ୍ରା ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ବଢ଼ିପାରେ। ଫଳରେ ଶୀତ ଆହୁରି କମିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଆସନ୍ତା କିଛି ଦିନ ଶୀତ ରହିବ ବୋଲି ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି। ଡ. ପଶୁପାଳକଙ୍କ



ସୂଚନା ମୁତାବକ, ଚଳିତ ବର୍ଷ ଲା-ନିନା ଓ ପୋଲାର୍ ଭୋଟେକ୍ସର ସମଷ୍ଟି ଯୋଗୁଁ ଉତ୍ତର ଗୋଲାର୍ଦ୍ଧର ବିଭିନ୍ନ ଦେଶ ସହ ଭାରତ ଓ ଓଡ଼ିଶାରେ ମଧ୍ୟ ଶୀତଋତୁ ଅଧିକ ସମୟ ରହିବାର ସମ୍ଭାବନା ରହିଛି। ଲା ନିନା ଯୋଗୁଁ କେନ୍ଦ୍ରୀୟ ଓ ପୂର୍ବ ପ୍ରଶାନ୍ତ ମହାସାଗରରେ ତାପମାତ୍ରା କମ୍ ରହିଛି। ବିଶ୍ୱସ୍ତରରେ ବାୟୁ ପ୍ରବାହ ଓ ପାଣିପାଗ ପ୍ରଭାବିତ ହୋଇଛି। ଫଳତଃ ଉତ୍ତର ଓ *(ପୃଷ୍ଠା ୭ରେ)*



# ପିଲାଙ୍କ ମହାଭାରତ-୬୮



ନିତ୍ୟାନନ୍ଦ ପଣ୍ଡା

## ବନବାସକୁ ବାରବର୍ଷ ପୂରିଲା-୨



ଅର୍ଜୁନ ଯେତେବେଳେ ଯୁଧିଷ୍ଠିରଙ୍କୁ ଶୁଣୁଥିଲେ, ତାଙ୍କ ହୃଦୟ ଦୁଃଖରେ ଭାରୀ ହୋଇଉଠୁଥିଲା। କାରଣ, ଯେଉଁ ଭାଇ ନିକଟରେ ରାଜସୂୟ ଯଜ୍ଞ କରିଛନ୍ତି, ସେ ମତ୍ସ୍ୟଦେଶରେ ଲୁଚିବାକୁ ଯାଉଛନ୍ତି ! ଭାଗ୍ୟର ବିଡମ୍ବନା !

ଯୁଧିଷ୍ଠିର କହିଲେ - ମୁଁ ଭାବୁଛି ମୁଁ ସନ୍ନ୍ୟାସୀ ବେଶ ଧରିବି ଓ ରାଜା ବିରାଟଙ୍କ ରାଜସଭାରେ ପାରିଷଦ କାର୍ଯ୍ୟ କରିବି । ଜ୍ୟୋତିଷଶାସ୍ତ୍ର ଓ ବେଦ ଉପନିଷଦ ଉପରେ ଆଲୋଚନା କରିବି । କହିବି, ରାଜା ଯୁଧିଷ୍ଠିରଙ୍କ ରାଜସଭାରେ ମୁଁ ପଣ୍ଡିତ ଥିଲି । କେହି ସନ୍ଦେହ କରିବେନାହିଁ । ହଉ । ଭୀମସେନ୍ ! ତୁମର ଶରୀର ବିରାଟ । ତୁମେ ମତ୍ସ୍ୟ ଦେଶରେ କେଉଁ କାମ କରିବ, ଯାହା ଫଳରେ ଅଜଣା ଭାବେ ରହିପାରିବ ?

ଭୀମସେନ୍ କହିଲେ - ମୁଁ ରୋଷେଇଆ ଭାବେ ଯୋଗଦେବି । ମୋତେ ଭଲ ରୋଷେଇ ଆସେ । ନୂଆ ନୂଆ ଖାଦ୍ୟ ତିଆରିକରି ମୁଁ ରାଜାଙ୍କୁ ଖୁସି କରିଦେବି । ତା'ଛଡ଼ା ମୁଁ ତ ଅଧିକ ଖାଏ । ରୋଷେଇଆ ହେଲେ ଭଲ ଭୋଜନ ମିଳିବ ।

- ଶ୍ରଦ୍ଧେୟ ଅର୍ଜୁନ ! ତୁମେ କେଉଁ ବୃତ୍ତି ଆପଣେଇବ ?

"ମୁଁ ଭାବୁଚି, ମୁଁ କିନ୍ନର ବେଶ ଧରିବି । ଚୁଡ଼ି ପିନ୍ଧିବି, ବେଣୀ ପାରିବି । ନାରୀ ମହଲରେ ରହିବି । ସେମାନଙ୍କୁ ଗୀତ ଓ ନାଚ ଶିଖେଇବି ।" ଅର୍ଜୁନଙ୍କ ସ୍ୱର ଭଙ୍ଗା ଭଙ୍ଗା ଶୁଭିଲା ।

ଯୁଧିଷ୍ଠିର ପଚାରିଲେ ନକୁଳକୁ । "ମୁଁ ବିରାଟ ରାଜାଙ୍କ ଘୋଡା ଶାଳରେ କାମ କରିବି । ଘୋଡା ମାନଙ୍କର ଦାୟିତ୍ୱ ବୁଝିବି । ସୋମନଙ୍କର ରୋଗ ଓ ଆରୋଗ୍ୟ ଉପାୟ ମୋତେ ଜଣା । ଅମଣିଆ ଘୋଡାଙ୍କୁ ମଣ କରିଦେଇପାରିବି । ରାଜା ମୋର ସେବାକୁ ଗ୍ରହଣ କରିନେବେ ।"

ସହଦେବଙ୍କୁ ପଚାରିଲେ ଯୁଧିଷ୍ଠିର । ସହଦେବ କହିଲେ - "ନକୁଳ ଘୋଡା ଶାଳରେ କାମ କରୁ । ମୁଁ ଗାଈ ଗୁହାଳରେ କାମ କରିବି । ଗାଈମାନଙ୍କ ରୋଗର ଚିକିତ୍ସା କରିବି ଓ ସେମାନଙ୍କୁ ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ରକ୍ଷା କରିବି ।"

ଯୁଧିଷ୍ଠିର ଚାହିଁଲେ ଦ୍ରୌପଦୀଙ୍କ ଆଡେ । କିଛି କହିବାକୁ ତାଙ୍କ ଗଳା ଚାପି ହୋଇ ଆସିଲା । ଦ୍ରୌପଦୀ ବୁଝିପାରିଲେ ସ୍ୱାମୀଙ୍କ ମନବେଦନା । କହିଲେ - ମୋ ପାଇଁ କିଛି ଚିନ୍ତାକରନ୍ତୁ ନାହିଁ । ମୁଁ ରାଣୀ ମହଲରେ ସେବିକା ରୂପେ କାର୍ଯ୍ୟ କରିବି । ରାଣୀ ଓ ରାଜକୁମାରୀଙ୍କ ବେଣୀ ପାରିଦେବି ଓ ସେମାନଙ୍କୁ ସଜ କରିଦେବି । କମ୍ କଥା କହିବି । କହିବି, ଦ୍ରୌପଦୀଙ୍କର ମୁଁ ସେବିକା ଥିଲି । କେହି ମୋତେ ସନ୍ଦେହ କରିବେନାହିଁ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଦେଶ ଆମ ମହାନ

*କୀର୍ତ୍ତନ ସାହୁ*



ବିଭିନ୍ନ କ୍ଷେତ୍ରରେ ଆଗେଇ ଚାଲିଛି
ଏଇ ଆମ ପ୍ରିୟ ଦେଶ
ରହି ଥାଉ ପଛେ କେତେ କେତେ ଭାଷା
ରହି ଥାଉ କେତେ ବେଶ ।

ଏକତା ସୂତ୍ରରେ ବାନ୍ଧି ହୋଇ ଅଛୁ
ଇଏ ଆମ ସ୍ୱତନ୍ତ୍ରତା
ପରସ୍ପର ସ୍ନେହ ଶ୍ରଦ୍ଧା ପ୍ରୀତି ମୈତ୍ରୀ
ରହି ଅଛି ଜାତୀୟତା ।

ଅହିଂସା ମନ୍ତ୍ରରେ ଆମ ଦେଶ ଦିନେ
ପାଇଥିଲା ସ୍ୱାଧୀନତା
ଧର୍ମ ନିରପେକ୍ଷ ରାଷ୍ଟ୍ର ଆମର
ସେଇ ଆମ ମହାନତା ।

କେତେ କେତେ ବୀର ଦେଶ ପାଇଁ ଆମ
କରିଥିଲେ ବଳିଦାନ
ପୂଜ୍ୟ ବାପୁଜୀ ମହାତ୍ମା ଗାନ୍ଧୀଙ୍କ
ଅଛି ବଡ ଅବଦାନ ।

ଜଳ ସ୍ଥଳ ଆଉ ଆକାଶ ମାର୍ଗରେ
ଆମେ ଅଟୁ ବଳୀୟାନ
ସାହିତ୍ୟ ସଂସ୍କୃତି ବିଜ୍ଞାନ କ୍ଷେତ୍ରରେ
ଆମେ ମଧ ମହୀୟାନ ।

ରହିଛି ରହିବ ଅମ୍ଳାନ ଅକ୍ଷୁର୍ଣ୍ଣ
କରି ଦେଶ ପାଇଁ କାମ
ହାତେ ହାତ ଯୋଡ଼ି ଆଗେଇ ଚାଲିବା
ରଖି ପ୍ରୀତି ଦେଶ ନାମ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*

# ଶହୀଦ ଦିବସ ଆଜି

*ଦଶରଥ ମାଝୀ*

ଜାନୁଆରୀ ମାସ ତିରିଶି ତାରିଖ
ଶହୀଦ ଦିବସ ଆଜି
ଏହି ଦିନ ଗାନ୍ଧି ଇଂରେଜ ଗୁଳିରେ
ଆଖି ଦେଇଥିଲେ ବୁଜି (୧)
ବିରଳା ଭବନେ ପ୍ରାର୍ଥନା ସଭାରେ
ଯୋଗ ଦେବାପାଇଁ ଗଲେ
ସେତେବେଳେ ଦେହେ ଗୁଳି ବାଜିଥିଲା
ଟଳି ପଡ଼ିଥିଲେ ତଳେ (୨)
ଗାନ୍ଧି ଥିଲେ ଜଣେ ପରମ ଶହୀଦ
ଥିଲେ ମହାନ ପୁରୁଷ
ଏ ମହାପ୍ରୟାଣ ଦିନଟିକୁ ଆଜି
ପାଳେ ଶହୀଦ ଦିବସ (୩)
କେତେ ସୈନଗଣ ଶତ୍ରୁ ସଙ୍ଗେ ଲଢ଼ି
ଯାଇଛି ତାଙ୍କ ଜୀବନ
ଆଜି ଶହୀଦଙ୍କୁ ମନେ ପକାଇବା
କରିବା ଗୁଣକୀର୍ତ୍ତନ (୪)
ଏହି ଦିବସଟି ପ୍ରଚ୍ଛନ୍ନ ପ୍ରେରଣା
ଆମକୁ ଯୋଗାଇଥାଏ
ଦେଶ ସେବା ପାଇଁ ଶପଥ କରିବା
ହୋଇକି ସୈନିକଟିଏ (୫)

*କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ- ୮୨୪୯୨୧୨୪୭୨*



# ସହୀଦ ଦିବସେ ଝୁରି ହେଉ

*ମହେନ୍ଦ୍ର କୁମାର ଘଡ଼େଇ*

ରାମ ରାଇଜର ସପନ ଦେଖିବା
କରାଇବ ଆଉ କିଏ
ଛୁଆଁଅଛୁଆଁର ଭାବନାକୁ ତଡ଼ି
ଦେଶକୁ ଗଢ଼ିବ ଯିଏ !
ଭାଗ ବସାଇବ ନାହିଁ ଭାରତରେ
ଜାତି ଭାଷା ବେଶ ନେଇ
କୋଟି ଜନତାକୁ ଗୋଟିଏ କରିବ
ଅହିଂସାର ମନ୍ତ୍ର ଦେଇ ।
ସବୁରି ଭିତରେ ଜୀବ ଅଛି ଜାଣି
ଜୀବେଦୟା କରୁଥିବ
ଦୁଃଖୀ ରଙ୍କି ଯୋଗୀ ଉଦାସୀ ପୀଡ଼ିତ
ମୁହେଁ ହସ ଫୁଟାଇବ ।
ପରିବେଶ ଚିତ୍ତ ଚରିତ ନିର୍ମଳ
ସ୍ୱଚ୍ଛ ଭାରତର କାମେ
ଅଳସ ଅକାମ ବଦଳରେ ଝାଳ
ବୁଝାଇବ ଜାତି ନାମେ ।
ରୋଗୀ ନୁହେଁ ରୋଗ ଘୃଣା କରି ପଛ-
ଘୁଞ୍ଚା ଦେବ ତାହାଠାରୁ
ସ୍ୱଦେଶୀ ବରତେ ବ୍ରତୀ ହୋଇ ସୂତା
କାଟୁଥିବ ଅରଟରୁ ।
ଏଇମିତି ଭଲ କାମ ପାଇଁ ଅଛ
ଅମଳିନ ଛବି ହୋଇ
ଶରଧାରେ 'ବାପୁ', 'ଜାତିର ଜନକ',
'ମହାତମା' ଡାକ ପାଇ ।
ଗାନ୍ଧୀ ମହାତ୍ମାର ଏ ସହୀଦ ଦିବସେ
ଝୁରି ହେଉ ଭାରି ଆଜି
ସାବରମତୀରୁ ଦାଣ୍ଡି ପରିଯନ୍ତ
ପଦ ଚିହ୍ନ ଯାଉ ଖୋଜି ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ- ୯୪୩୭୭୪୦୫୬୬*

# ଆମ ସାଧାରଣତନ୍ତ୍ର ଦିବସ

*ଜୟକୃଷ୍ଣ ସାହୁ*



ଦିଲ୍ଲୀଠାରୁ ପଲ୍ଲୀ ପାଳୁଅଛେ ଆମେ
ସାଧାରଣତନ୍ତ୍ର ଦିବସ
କେଜାଣି କିଏସେ ଭରିଦିଏ ମନେ
ଆସି ସୁଖ ଶାନ୍ତି ହରସ
ଜାତି ପ୍ରୀତି ମନେ ଜାଗଇ,
ସ୍ୱାଧୀନ ଦେଶର ସୁଖୀ ପିଲାଟିଏ
ପରି ସତେ ମୋତେ ଲାଗଇ ।
ଉଣେଇଶି ଶହ ପଚାଶ ମସିହା
ଜାନୁଆରୀ ମାସ ଛବିଶ
ଆମ୍ବେଦକରଙ୍କ ସମ୍ବିଧାନ ଗୋଟି
ଛୁଇଁଲା ମୋ ଦେଶ ପରଶ
ତାକୁ ଆମେ ମାନି ଚଳିବା,
ଦେଶ ହିତ ପାଇଁ ସବୁ ନିୟମକୁ
ଗୋଟି ଗୋଟି କରି ପାଳିବା ।
ଏହା ପରା ଆମ ଜାତୀୟ ପରବ
ପାଳୁଅଛେ ସାରା ଦେଶରେ
ଆଜିର ଦିନରେ ଫାଟିପଡ଼େ ଦେଶ
ଆମ ଚୁନାଚୁନା ହସରେ
କେଡ଼େ ଗଉରବ ଆମର,
ଅହିଂସା ଅସ୍ତ୍ରରେ ପରାଜିତ ହୋଇ
ଫେରିଲେ ଇଂରେଜ ପାମର ।
୭୭ତମ ସାଧାରଣତନ୍ତ୍ର
ଦିବସଟି ପାଳି ଖୁସିରେ
ଦେଶକୁ ଗଢ଼ିବା ଆଗକୁ ବଢିବା
ଆମେ କୁନା କୁନି ମିଶିରେ
ଭାରତ ଆମରି ମାଆଟି,
ଭଲ ମଣିଷଟେ ହେବାପାଇଁ ମାଆ
ହୋଇବ ନିଶ୍ଚୟ ସାହାଟି ।

*କପିଳ ପ୍ରସାଦ, ଭୁବନେଶ୍ୱର-୨*
*ମୋ- ୯୯୩୭୦୯୨୩୯୭*

# ଜନ ଗଣ ମନ ଗାଏ ହରଷରେ

*ଧ୍ରୁବ ଚରଣ ଘିବେଲା*



ଆସିଗଲେ ପୁଣ୍ୟ ଜାତୀୟ ଦିବସ
ଜାତୀୟ ପତାକା ଉଡ଼େ
ଫରଫର ଉଡ଼ି ହସି ପୁଣି ଖେଳି
ସୁର ତୋଳେ ପବନରେ ।
ଜାନୁଆରୀ ମାସ ଛବିଶ ତାରିଖ
ପୁଣ୍ୟ ଜନରାଜ୍ୟ ଦିବସ
ଏଇ ଦିନ ଲାଗୁ ହୋଇଥିଲା ଆମ
ସମ୍ବିଧାନ ଗ୍ରନ୍ଥ ବିଶେଷ ।
ସମ୍ବିଧାନ ମତେ ଶାସନରବିଧି
ପ୍ରଚଳିତ ହେଲା ଦେଶରେ
ଦେଶ ବାସୀ ପାଇଁ ହେଲା ସ୍ମରଣୀୟ
ଗଣତନ୍ତ୍ର ଦିବସ ନାଁରେ ।
ଜନ ମନେ ଜାଗେ ଖୁସିର ଲହର
ପରବ ପାଳନ ପାଇଁ
ପତାକା ଉଡ଼ାଇ 'ଜନ ଗଣ' ଗାଇ
ପରବ ପାଳନେ ରହି ।
ଜନ ଗଣ ମନ ଗାଏ ହରଷରେ
ଆମ ସେ ଜାତୀୟ ପତାକା
ପତାକାର ତଳେ ହୋଇ ସମବେତ
ଥାଉ ନୋଇଁ ନିଜ ମଥା ।
ଉଣେଇଶ ପଚାଶ ଜାନୁଆରୀ ମାସ
ଛବିଶ ତାରିଖ ସେଇ
ଜାତି ଇତିହାସେ ସ୍ମରଣୀୟ ହେଲା
ସ୍ୱର୍ଣ୍ଣାକ୍ଷରେ ଲେଖାଯାଇ ।
ସେଇ ବରଷଠୁ ପାଳିତ ହେଉଛି
ଏଠି ଗଣତନ୍ତ୍ର ଦିବସ
ଗାଆଁଠୁ ସହର ଖୁସିର ମାହୋଲ
ଜାଗେ ଜନ ମନେ ହରଷ ।

*ବଉଦରାଜ-୭୬୨୦୧୪, ଜି-ବୌଦ୍ଧ*
*ମୋ- ୯୪୩୭୪୭୮୪୬୬*

# ପବିତ୍ର ଅଗିରା ପୁନେଇଁ...

*ରାମଚନ୍ଦ୍ର ବେହେରା*

ବାର ମାସେ ତେର ପରବରେ ଭରା
ଆମ ପୁଣ୍ୟ ଉତ୍କଳ ଭୂଇଁ
ମାଘମାସ ଶେଷେ ଆସୁଛି ହରଷେ
ପବିତ୍ର ଅଗିରା ପୁନେଇଁ ।
ପ୍ରତି ଗାଆଁମୁଣ୍ଡେ ଅଗି ଜଳାହେବ
ଛଣ କୁଟା ଆଦି ସଜେଇ
ପୁନେଇଁ ସରିଲେ ବସନ୍ତ ଆସିବ
ଶୀତଋତୁ ଯିବ ଉଭେଇ ।
ସଂଜ ନଇଁଗଲେ ଗାଆଁମୁଣ୍ଡେ ସର୍ବେ
ଏକାଠି ହୋଇବେ ଶ୍ରଦ୍ଧାରେ
ଅଗ୍ନିଙ୍କୁ ପୂଜିବେ ପୁଣ୍ୟ କମାଇବେ
ଶଂଖ ହୁଳହୁଳି ଧ୍ୱନିରେ ।
ଘଣ୍ଟ ଗିନି ଆଉ ମୃଦଂଗ ଶବଦେ
ଉଛୁଳିବ ଗାଆଁ ମୁଲକ
ଅଗି ଚଉପାଶେ ସଭିଏଁ ବୁଲିବେ
ମନେ ଭରି ଭକ୍ତି ପୁଲକ ।
ଆଳୁ ବାଇଗଣ ନଡିଆ ପୋଡିବେ
ଖାଇବେ ଆନନ୍ଦ ମନରେ
ଚର୍ମରୋଗ କେବେ ହେବ ନାହିଁ ବୋଲି
ବିଶ୍ୱାସ ରହିଛି ଗାଆଁରେ ।
ଅଗି ପାଉଁଶକୁ ପକାଇବେ ସର୍ବେ
ଶରଧାରେ ନିଜ ବିଲରେ
ପ୍ରଭୁଙ୍କ କୃପାରୁ ଅଧିକ ଅମଳ
ମିଳେ କୁହେ ଆମ ଶାସ୍ତ୍ରରେ ।
କୃଷିଭିତ୍ତିକ ଏ ମହାନ ପର୍ବକୁ
ଆସ ଭକତିରେ ପାଳିବା
ଆମ ଗାଆଁ ବିଲ ଶସ୍ୟେ ଭରିଯିବ
ବିଶ୍ୱାସ ହୃଦୟେ ରଖିବା ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*



# ଅଗିରା ପୁନେଇଁ ଆସିଛି

*ନଳିନୀ ଦାଶ*

ଉତ୍କଳ ସଂସ୍କୃତି ପରମ୍ପରା ନୀତି
ଆନନ୍ଦ ଭରଇ ମନେ
ବାର ମାସେ ତେର ପରବ ପାଳନ୍ତି
ସଭିଏଁ ରାଇଜ ଜନେ ।
ମାଘ ପୂର୍ଣ୍ଣମୀରେ ଚନ୍ଦ୍ରଭାଗା ତୀରେ
ମାଘ ବୁଡ଼ ଦେଇଥାନ୍ତି
ସୂର୍ଯ୍ୟ ଦେବତାଙ୍କ ଆଶିଷରୁ ଭକ୍ତ
କୋଟି ପୁଣ୍ୟ ଅରଜନ୍ତି ।
ଆଜିର ଦିନଟି ଅଗିରା ପୁନେଇଁ
କୃଷିଭିତ୍ତିକ ପରବ
ସବୁରି ଗାଆଁରେ ପାଳନ ହୁଅଇ
ଏ ପରା ଆମ ଗରବ ।
ପୁନେଇଁ ସନ୍ଧ୍ୟାରେ ଗାଆଁ ଜନମାନେ
ଗଦା କରିଥାନ୍ତି ପାଳ
ଅଗ୍ନି ସଂଯୋଗକୁ କରି ଦେଇଥାନ୍ତି
ସରବେ ହୋଇଣ ମେଳ ।
ଆଳୁ ବାଇଗଣ ସାଥେ ନେଇଥାନ୍ତି
ନିଆଁରେ ପକାନ୍ତି ନେଇ
ନିଆଁ ଲିଭିଗଲେ ପ୍ରସାଦ ଖାଆନ୍ତି
ନିରୋଗ ରହିବା ପାଇଁ ।
ନିଆଁ ଜାଳିଦେଇ ଲକ୍ଷ୍ୟ ରଖିଥାନ୍ତି
କେଉଁ କୋଣେ ନିଆଁ ଜଳେ
ସେହି ବର୍ଷ କ୍ଷେତ ଭଲ ହୋଇଥାଏ
ମନରେ ଆନନ୍ଦ ଆଣେ ।
ପାଉଁଶ ଗୋଟେଇ ନେଇଥାନ୍ତି ଜନେ
କ୍ଷେତରେ ପକାନ୍ତି ନେଇ
ଅଗ୍ନିଙ୍କ ଆଶିଷେ ଫସଲରେ ଭରି
କ୍ଷେତ ହସି ଉଠୁଥାଇ ।
ଆମ ପରମ୍ପରା ସଂସ୍କୃତିକୁ ମାନି
ପାଳନ୍ତି ଅଗ୍ନି ଉତ୍ସବ
ମାଘ ପୂର୍ଣ୍ଣମୀଟି ପବିତ୍ର ଦିନଟେ
ଦିଏ ଭାଇଚାରା ଭାବ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ- ୯୨୩୮୯୯୬୬୪୯*

# ଜାନୁୟାରୀ ତିରିଶ ସହିଦ ଦିବସ

*ଅସୀମା ପ୍ରଧାନ*

ମହାତ୍ମା ଗାନ୍ଧୀଙ୍କ ଅଟେ ତିରୋଧାନ ଦିବସ ॥
ସ୍ୱାର୍ଥ ନ ରଖିଣ ଦେଶ ପାଇଁ ଲଢ଼ିଲେ
ସ୍ୱାଧିନ ଭାରତର ସହିଦ ହୋଇଲେ ॥
ସେ ପରା ନିଃସ୍ୱାର୍ଥପର ଜନନାୟକ
କିଛି ନ ଥିଲା ତାଙ୍କର ସୁଖ ସଉକ ॥
ଶବ ମୋର ପଛେ ସମୁଦ୍ରରେ ଭାସୁ
ଲୁଣ ସବୁରି ହାତ ମୁଠାକୁ ତ ଆସୁ ॥
ପ୍ରକମ୍ପିତ ହେଇଗଲା ଇଞ୍ଜୁଡି ଦାଣ୍ଡି
ଲୋକେ ନ ମାନିଲେ ଆଉ ପୋଲିସ ଫାଣ୍ଡି ॥
ହରିଜନ ଗିରିଜନ ନଥିଲେ ପର
କରୁଥିଲେ ତ ସମସ୍ତଙ୍କ ଉପକାର ॥
ସ୍ୱାର୍ଥ ତ୍ୟାଗୀ ଲୋକ ସମାଜରେ ବିରଳ
ଲୋକ ସେବା କରିବାକୁ ଥିଲେ ବିକଳ ॥
ଅହିଂସାର ଅମୋଘ ଅସ୍ତ୍ରକୁ ଚଳାଇ
ସମଗ୍ର ବିଶ୍ୱକୁ ଦେଇଥିଲେ ଥରାଇ ॥
ବିଶ୍ୱର ସର୍ବ ଶ୍ରେଷ୍ଠ ଶିକ୍ଷିତ ଜାତି
ମୁଣ୍ଡ ନୁଆଁଇଦେଲେ ହୋଇ ପରା ଭିତି ॥
କୋଟି କରେ ଗୋଟିଏ ସେ ମୋହନ ଦାସ
ଅପୂରଣୀୟ ଆଜି ସେହି ଖାଲି ଅଂଶ ॥
ଚିର ସ୍ମରଣୀୟ ଚିର ବନ୍ଦନୀୟ ସେ
ମୃତ୍ୟୁକୁ ବରି ସହିଦ ହେଲେ ଶେଷେ ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*



# ମାଘେ ବାଘ ପରି ଶୀତ

*ସୁଧାକର ରାଉତ*

ବାଘୁଆ ଶୀତ ଆସୁଛି ମାଡ଼ି
ମନ ହେଉନି ସକାଳୁ ଉଠିବାକୁ
ଉଷୁମ ଶେଯକୁ ଛାଡି
ମାଆ କରନ୍ତି ଜୋରରେ ରଡ଼ି
କହନ୍ତି ଏଭଳି ଅଳସୁଆ ହୋଇ
ପାରିବୁକି ଶୀତ ତଡ଼ି ?
ପରୀକ୍ଷା ଆସଇ ପାଶେ ଭିଡ଼ି
ଏବେଠୁ ପ୍ରସ୍ତୁତ ନ ହେଲେ ହଜିବ
ତୋର ସଫଳତା ଝୁଡ଼ି ।
ଦେଖ ଯାଇ ତୁ ବଗିଚା ବାଡ଼ି
ଚଢ଼େଇ ମାନେ ବି ଗାଉଛନ୍ତି ଗୀତ
ଶୀତ ଭୟ ମନୁ ଝାଡି ।
ବାହାରେ ଦେଖ ତୁ ଆଖି ଫାଡ଼ି
ବ୍ୟାୟାମ କରିବା ଉଦ୍ଦେଶ୍ୟେ ଯାଆନ୍ତି
ଛୁଆଠୁ ବଡ ଦଉଡ଼ି ।
କାଲି ଯେଉଁମାନେ ଥିଲେଟି କଢ଼ି
ଶୀତ କାକରକୁ ନ କରି ଖାତିର
ଫୁଟି ଥାନ୍ତି ଫୁଲ ହୋଇ ଧାଡ଼ି ।
ପାରଦ ଖସଇ ଘଡି ଘଡି
ସାରା ରାଇଜ ଟା ଥରି ଠପ କରେ
ଜୀବନ ଯାତ୍ରାର ଗାଡ଼ି ।
ରହିକି ପାରିବା ଶୀତ ଛାଡ଼ି
ପରିବେଶ ସନ୍ତୁଳନ ସେ ରଖଇ
ହୋଇ ଆମ ଆଶା ବାଡ଼ି ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

# ଟିକି ଝରଣା

*ସୁରମା ମିଶ୍ର*

ଝରଝର ବହେ ଟିକି ଝରଣା
ଅମାନିଆ ସେ ତ କିଛି ମାନେନା
ଯେତେ ବାଧା ବିଘ୍ନ ଆସୁ ପଥରେ
ସବୁ ଲଂଘି ଯାଏ ନିରିଦ୍ୱନ୍ଦରେ ॥
ଆଗକୁ ଆଗକୁ ଯାଏ ଆଗେଇ
ପଛକୁ ସେ କେବେ ଫେରଇ ନାହିଁ
ଅଙ୍କାବଙ୍କା ବାଟେ ଯାଏ ସେ ବହି
ଲାଗଇ ଚାଲୁଛି ଅଣ୍ଟା ହଲେଇ ॥
କେତେ ସ୍ୱଚ୍ଛ ନିରିମଳ ତା ପାଣି
ଦେଖି ଦେଲେ ମନ ନିଅଇ ଟାଣି
କେତେ ପ୍ରଖରରେ ସ୍ରୋତଟି ତାର
କାଟି ଦିଏ ଶକ୍ତିଶାଳୀ ପଥର ॥
କୁଳକୁଳୁ ନାଦ ମନକୁ ମୋହେ
ସବୁ ଅବସାଦ ଦୂରେଇ ଦିଏ
ଯଦି କେବେ ମନଦୁଃଖ ହୁଅଇ
ତା ପାଖେ ଘଡ଼ିଏ ବସେ ମୁଁ ଯାଇ ॥
ତା ଠାରୁ ପାଏ ମୁଁ ଅମାପ ଶାନ୍ତି
ମନେ ମୋର ଭରି ଯାଏ ଶକତି
ଭୁଲିବିନି କେବେ ଭୁଲିବି ନାହିଁ
ସଦା ମୋ ମନରେ ରହିଛି ସେହି ॥
ଆସ ପିଲାମାନେ ଯିବାରେ ଯିବା
ଟିକି ଝରଣାଠୁ କିଛି ଶିଖିବା
ଟିକି ଝରଣାର ଶକ୍ତି ବହୁତ
କର୍ତ୍ତବ୍ୟ ପଥେ ଚାଲେ ଅବିରତ ॥
ବହିବା ତା ଧର୍ମ ସେ ବହୁଥାଏ
କେବେବି ଅଟକି ଯାଏନି ସିଏ
ସେହିପରି ତୁମେ ଆଗେଇ ଯିବ
ଛୋଟ ବୋଲିରେ କେବେ ନ ଭାବିବ ॥

*ବିଏଲ-୩୯, ଭିଏସ୍ଏସ୍ ନଗର*
*ମୋ- ୯୮୫୩୩୪୩୯୬୫*

# ସିଏ ଦେଶ ଜାତି ନେତା

*ସୁଜିତ କୁମାର ମିଶ୍ର*



କଟକ ଜିଲ୍ଲାର ଓଡ଼ିଆ ବଜାର
ତାଙ୍କରି ଜନମ ସ୍ଥାନ,
ଜାନକୀନାଥ ଓ ପ୍ରଭାବତୀଙ୍କର
ଥିଲେ ସେ କୁଳନନ୍ଦନ ।
ସ୍ୱାଧୀନତା ପାଇଁ ମରଣକୁ ତାଙ୍କ
ତିଳେ ହେଁ ନଥିଲା ଦକ,
ଦେଶ ଜନତାଙ୍କୁ ରକତ ଦେବାକୁ
ଦେଉଥିଲେ ସିଏ ଡାକ ।
ଉଚ୍ଚ ପଦବୀକୁ ତେଜିଥିଲେ ସିଏ
ମାଟିର ମୁକତି ପାଇଁ,
ବାଧା ବରିନେଲେ ବନ୍ଧନ ସହିଲେ
ମଥା ନୁଆଁଇଲେ ନାହିଁ ।
ଫଉଜ ଗଢିଲେ ଆପଣା ଚେଷ୍ଟାରେ
ମୁକ୍ତି ଆନ୍ଦୋଳନ ପାଇଁ,
ଆଜାଦ ହିନ୍ଦ୍ ଯେ ନାମଟି ରଖିଲେ
ନିଜେ ତା ମୁଖିଆ ହୋଇ ।
ଅତି ଆଦରର ନେତାଜୀ ସେ ଆମ
କୋଟି କୋଟି ହୃଦୟରେ,
ତାଙ୍କ ପରି ଯୋଦ୍ଧା ନେତା ଆଉ କିଏ
ଅଛି ଏଇ ଭାରତରେ ?
ତାଙ୍କ ଚେହେରାକୁ ଭାରି ଶୋଭା ପାଏ
ପଗଡି ଚଷମା ଜୋତା,
ନାମଟି ତାଙ୍କର ସୁଭାଷ ବୋଷ
ସିଏ ଦେଶ ଜାତି ନେତା ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

# ଗୁଣ୍ଡୁଚି ମୂଷାର ଭକ୍ତି ଓ ଶ୍ରୀରାମଙ୍କ ଦିବ୍ୟ ଆଶୀର୍ବାଦ



ଅର୍ଚ୍ଚିତା ଦାଶ

ମାତା ସୀତାଙ୍କୁ ଲଙ୍କାରୁ ଉଦ୍ଧାର କରିବା ପାଇଁ ଶ୍ରୀରାମ ଯେତେବେଳେ ପ୍ରସ୍ଥାନ କରିବାକୁ ନିଶ୍ଚୟ କଲେ, ସେତେବେଳେ ସମୁଦ୍ର ଉପରେ ଏକ ବିଶାଳ ସେତୁ ନିର୍ମାଣର ମହାକାର୍ଯ୍ୟ ଆରମ୍ଭ ହେଲା । ନଳ ଓ ନୀଳଙ୍କ ନେତୃତ୍ୱରେ ବାନର ସେନା ଦିନ ରାତି ଅକ୍ଳାନ୍ତ ପରିଶ୍ରମ କରୁଥିଲେ । ବଡ଼ ବଡ଼ ପଥର ଉଠାଇ ସମୁଦ୍ର କୂଳକୁ ଆଣୁଥିଲେ ଏବଂ ସମସ୍ତ ପରିବେଶ ଶ୍ରୀରାମଙ୍କ ନାମ ଜପରେ ପୂର୍ଣ୍ଣ ହୋଇଯାଇଥିଲା । ସେହି ସମୟରେ ସେଠାରେ ଗୋଟିଏ ଛୋଟ ଗୁଣ୍ଡୁଚି ମୂଷା ବସବାସ କରୁଥିଲା । ତାହାର ଶରୀର ଅତ୍ୟନ୍ତ କ୍ଷୁଦ୍ର ଓ ଦୁର୍ବଳ ଥିଲା, କିନ୍ତୁ ତାହାର ହୃଦୟ ଭକ୍ତିରେ ପୂର୍ଣ୍ଣ ଥିଲା । ବଡ଼ ବଡ଼ ବାନରମାନେ ପାହାଡ଼ ସମାନ ପଥର ବହନ କରୁଥିବା ଦେଖି ଗୁଣ୍ଡୁଚି ମୂଷାର ମନରେ ମଧ ଶ୍ରୀରାମଙ୍କ ସେବା କରିବାର ଆକାଂକ୍ଷା ଜାଗିଉଠିଲା ।



ନିଜ ଦୁର୍ବଳତାକୁ ବୁଝି ସେ ଏକ ଛୋଟ ଉପାୟ ଖୋଜିଲା । ସେ ସମୁଦ୍ର କୂଳର ବାଲିରେ ଗଡ଼ି ପଡୁଥିଲା ଯାହାଫଳରେ ବାଲି କଣିକା ତାହାର ଶରୀରରେ ଲାଗିଯାଉଥିଲା । ପରେ ସେ ସେତୁ ନିର୍ମାଣ ସ୍ଥଳକୁ ଯାଇ ପଥରମାନଙ୍କ ମଧ୍ୟର ଖାଲି ସ୍ଥାନରେ ସେଇ ବାଲିକୁ ଝାଡ଼ି ଦେଉଥିଲା । ଏଭଳି ଭାବରେ ସେ ପୁଣି ଅକ୍ଳାନ୍ତ ଭାବରେ ନିଜ ସେବା ଜାରି ରଖିଥିଲା । କିଛି ବାନର ଏହା ଦେଖି ହସିଲେ ଏବଂ କହିଲେ ଯେ ଏତେ ଛୋଟ ପ୍ରାଣୀର ସେବାର କିଛି ମୂଲ୍ୟ ନାହିଁ । ତାଙ୍କ ମଧ୍ୟରୁ କେହି କେହି ଗୁଣ୍ଡୁଚି ମୂଷାକୁ ଅବହେଳା କରି ଠେଲିଦେଲେ । ଏଥିରେ ଗୁଣ୍ଡୁଚି ମୂଷା ଆହତ ହୋଇ ବେଦନାରେ କାନ୍ଦିଉଠିଲା । ଗୁଣ୍ଡୁଚି ମୂଷାର କାନ୍ଦ ଶ୍ରୀରାମଙ୍କ କାନରେ ପହଞ୍ଚିଲା । ସେ ସମସ୍ତ କଥା ଜାଣି ତୁରନ୍ତ ସେଠାକୁ ଆସିଲେ । ଶ୍ରୀରାମ ଗୁଣ୍ଡୁଚି ମୂଷାକୁ ନିଜ କରୁଣାମୟ ହସ୍ତରେ ଉଠାଇଲେ ଏବଂ ସ୍ନେହରେ ତାହାର ପିଠିକୁ ଆଙ୍ଗୁଳିରେ ସ୍ପର୍ଶ କଲେ । ସେ ବାନରମାନଙ୍କୁ କହିଲେ ଯେ ଭକ୍ତି ସହ କରାଯାଇଥିବା କୌଣସି ସେବା କେବେ ଛୋଟ ହୁଏନାହିଁ । ଶ୍ରୀରାମଙ୍କ ଦିବ୍ୟ ସ୍ପର୍ଶରେ ଗୁଣ୍ଡୁଚି ମୂଷାର ପିଠିରେ ତିନୋଟି ସୂକ୍ଷ୍ମ ରେଖା ପ୍ରକଟ ହେଲା । ଏହା ଥିଲା ଶ୍ରୀରାମଙ୍କ ଆଶୀର୍ବାଦର ଚିହ୍ନ । ଶ୍ରୀରାମ କହିଲେ ଯେ ଏହି ଗୁଣ୍ଡୁଚି ମୂଷାର ନିଷ୍ଠା ଓ ଭକ୍ତି ସଦା ସ୍ମରଣୀୟ ରହିବ । ସେହି ଦିନଠାରୁ ଗୁଣ୍ଡୁଚି ମୂଷାର ଶରୀରରେ ଥିବା ତିନିଟି ରେଖା ଭକ୍ତି, ନମ୍ରତା ଓ ନିଷ୍କାମ ସେବାର ପ୍ରତୀକ ଭାବେ ପରିଚିତ ହେଲା । ଏହି କାହାଣୀ ଆମକୁ ଶିଖାଏ ଯେ ଶକ୍ତି ନୁହେଁ, ଶୁଦ୍ଧ ଭକ୍ତି ହିଁ ଭଗବାନଙ୍କୁ ସବୁଠାରୁ ଅଧିକ ପ୍ରସନ୍ନ କରେ ।

*ଜଗନ୍ନାଥ ବିହାର, ନୂଆଗାଁ, ଭୁବନେଶ୍ୱର*

# ଡବ୍ଲୁପିଏଲ୍ : ଧୀମା ଓଭର ହାର ପାଇଁ ଜେମିମା ରଡ୍ରିଗ୍ସଙ୍କ ଉପରେ ଜରିମାନା



**ବଡ଼ୋଦରା**

ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ଏକ ମ୍ୟାଚ୍‌ରେ ଧୀମା ଓଭର ହାର ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ଜେମିମା ରଡ୍ରିଗ୍ସଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି । ବଡ଼ୋଦରା କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମଠାରେ ମଙ୍ଗଳବାର ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ଏକ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସଠାରୁ ୩ ରନରେ ପରାସ୍ତ ହୋଇଥିଲା ଦିଲ୍ଲୀ କ୍ୟାପିଟାଲ୍ସ । ଏହି ମ୍ୟାଚରେ ତାଙ୍କ ଦଳର ଧୀମା ଓଭର ହାର ଯୋଗୁଁ ଜେମିମାଙ୍କ ଉପରେ ଜରିମାନା ଲାଗୁ କରାଯାଇଛି । ତେବେ ଏହା ତାଙ୍କର ଓଭର ହାର ସମ୍ପର୍କିତ ପ୍ରଥମ ତ୍ରୁଟି ହୋଇଥିବାରୁ ତାଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି ବୋଲି ବୋଲି ଡବ୍ଲୁପିଏଲ ସ୍ପଷ୍ଟ କରିଛି । ଦିଲ୍ଲୀ ପାଇଁ ପ୍ଲେ ଅଫକୁ ଯିବା କଷ୍ଟକର ହୋଇପଡ଼ିଛି । ଦିଲ୍ଲୀ ଏବେ ୭ଟି ମ୍ୟାଚ୍‌ରୁ ୩ ବିଜୟ ସହ ମୋଟ୍ ୬ ପଏଣ୍ଟ ପାଇଛି ଓ ଏହାର ରନହାର ବିୟୁକ୍ତ ୦.୧୬୪ ରହିଛି । ଏହି ଦଳ ଏବେ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି । ସେପଟେ ଏହି ବିଜୟ ସହ ଗୁଜରାଟ ଏବେ ୭ଟି ମ୍ୟାଚରୁ ୪ ବିଜୟ ସହ ମୋଟ ୮ ପଏଣ୍ଟ ପାଇଛି । ଏହା ବିୟୁକ୍ତ ୦.୨୭୧ ରନହାର ସହ ପଏଣ୍ଟ ଟେବୁଲର ୨ୟ ସ୍ଥାନରେ ରହିଛି ଓ ନିଜର ପ୍ଲେଅଫ୍ ଖେଳିବା ଉଜ୍ଜ୍ୱଳ କରିଛି ।

# ଭାରତକୁ ୫୦ ରନ୍‌ରେ ହରାଇଲା ନ୍ୟୁଜିଲାଣ୍ଡ

**ବିଶାଖାପାଟଣା**

ବୁଧବାର ଦିନ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ବିଜୟୀ ହୋଇଛି । ନ୍ୟୁଜିଲାଣ୍ଡ ହାତରୁ ୫ମ୍ୟାଚ ବିଶିଷ୍ଟ ଟି୨୦ ଶୃଙ୍ଖଳାର ଚତୁର୍ଥ ମୁକାବିଲାରେ ଭାରତ ପରାସ୍ତ ହୋଇଛି । ବିଶାଖାପାଟଣା ସ୍ଥିତ ଡ. ୱାଇଏସ୍ ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ଭାରତ ୨୧୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଦଳ ୧୮.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରିଛି । ଏଥି ସହିତ ଚଳିତ ଶୃଙ୍ଖଳା ୩-୧ରେ ପହଞ୍ଚିଛି । ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ୩୧ ତାରିଖରେ ତିରୁଅନ୍ତପୁରମରେ ଖେଳାଯିବ ।



ଟସ୍ ଜିଣି ଭାରତ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଫଳରେ କିୱି ଦଳ ବ୍ୟାଟିଂ କରିବାକୁ ପଡ଼ିଆରେ ଓହ୍ଲାଇଥିଲା । ଅତିଥି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୨୧୫ ରନ୍ କରିଥିଲା ।

# ଟି୨୦ ବିଶ୍ୱକପ୍-୨୦୨୬ ପାଇଁ ଟିମ ଘୋଷଣା କଲା ସ୍କଟଲାଣ୍ଡ

**ନୂଆଦିଲ୍ଲୀ**

ସ୍କଟଲାଣ୍ଡ ୨୦୨୬ ଟି୨୦ ବିଶ୍ୱକପ ପାଇଁ ଏହାର ୧୫ ଜଣିଆ ଦଳ ଘୋଷଣା କରିଛି । ବାଂଲାଦେଶ ବଦଳରେ ୨୦୨୬ ଟି୨୦ ବିଶ୍ୱକପ ପାଇଁ ସ୍ଥାନ ପକ୍କା କରିଥିବା ସ୍କଟଲାଣ୍ଡ ରିଚି ବେରିଙ୍ଗଟନଙ୍କୁ ଅଧିନାୟକ ଭାବରେ ନିଯୁକ୍ତ କରିଛି ।

ସ୍କଟଲାଣ୍ଡ ୨୦୨୪ ଟି୨୦ ବିଶ୍ୱକପ ଦଳରୁ ୧୧ ଜଣ ଖେଳାଳିଙ୍କୁ ପୁନର୍ବାର ଡାକିଛି । ଗତ ମାସରେ ଦାୟିତ୍ୱ ଗ୍ରହଣ କରିଥିବା ନୂତନ ମୁଖ୍ୟ ପ୍ରଶିକ୍ଷକ ଓୱେନ ଡକିନ୍ସ ୨୦୨୬ ଟି୨୦ ବିଶ୍ୱକପ ପାଇଁ ସ୍କଟଲାଣ୍ଡର ନେତୃତ୍ୱ ନେବେ । ଆଫଗାନିସ୍ତାନରେ ଜନ୍ମିତ ଦ୍ରୁତ ବୋଲର ଜୈନୁଲ୍ଲାହ ଏହସାନଙ୍କୁ ଦଳରେ ପ୍ରଥମ ଥର ପାଇଁ ଡାକରା ଦିଆଯାଇଛି । ଟମ୍ ବ୍ରୁସ୍, ଫିନଲେ ମ୍ୟାକକ୍ରିଥ ଏବଂ ଅଲିଭର ଡେଭିଡସନ ସେମାନଙ୍କର ପ୍ରଥମ ବିଶ୍ୱକପ ପ୍ରଦର୍ଶନ ପାଇବେ । ସ୍କଟଲାଣ୍ଡର ମୁଖ୍ୟ ପ୍ରଶିକ୍ଷକ ଓୱେନ ଡକିନ୍ସ କହିଛନ୍ତି, 'ଗତ ୪୮ ଘଣ୍ଟା କ୍ରିକେଟ ସ୍କଟଲାଣ୍ଡର ସମସ୍ତଙ୍କ ପାଇଁ ଏକ ରୋଲରକୋଷ୍ଟର ଯାତ୍ରା ଥିଲା । ମୁଁ ଜାଣେ ଷ୍ଟିଭ, ଟ୍ରୁଡି ଲିଣ୍ଡବ୍ଲାଡ ଏବଂ ସଂଗଠନର ସମସ୍ତ ଖେଳାଳି ଏବଂ ସହାୟକ କର୍ମଚାରୀଙ୍କ ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଆମେ ସମସ୍ତେ ବହୁତ ଉତ୍ସାହିତ ଏବଂ ଏହି ସୁଯୋଗ ପାଇ ସୌଭାଗ୍ୟବାନ ଅନୁଭବ କରୁଛୁ ।'

# ମଦ୍ୟପାନ କରି ଗାଡ଼ିକୁ ଧକ୍କା ଦେବା ଅଭିଯୋଗରେ ପୂର୍ବତନ ଭାରତୀୟ କ୍ରିକେଟର ଗିରଫ



**ନୂଆଦିଲ୍ଲୀ**

ଜଣେ ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ପୋଲିସ ଗିରଫ କରିଛି । ମଦ୍ୟପାନ କରି ଗାଡ଼ି ଚଲାଇବା ଏବଂ ଅନ୍ୟ ତିନୋଟି ଗାଡ଼ିକୁ ଧକ୍କା ଦେବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ଏହି ଖେଳାଳି ହେଉଛନ୍ତି ଜାକବ ମାର୍ଟିନ । ସେ ଭାରତ ପାଇଁ ମୋଟ ୧୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ । ସେ ସୌରଭ ଗାଙ୍ଗୁଲିଙ୍କ ଅଧିନାୟକତ୍ୱରେ ଡେବ୍ୟୁ କରିଥିଲେ ଏବଂ ସଚିନ ତେନ୍ଦୁଲକରଙ୍କ ଭଳି ଜଣେ କିମ୍ବଦନ୍ତୀ ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ଶେୟାର କରିବାର ସୁଯୋଗ ପାଇଥିଲେ । ଜାନୁଆରୀ ୨୭ ତାରିଖରେ ମାର୍ଟିନ ତାଙ୍କ କାର୍ ଉପରୁ ନିୟନ୍ତ୍ରଣ ହରାଇଥିଲେ ଏବଂ ରାସ୍ତା କଡ଼ରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା । ଜାକବ ମାର୍ଟିନ ମଙ୍ଗଳବାର ଭଦୋଦରାରେ ତାଙ୍କ କାର୍ ଚଳାଉଥିଲେ, ଏବଂ ପୋଲିସ କହିଛି ଯେ ସେ ମଦ୍ୟପାନ କରିଥିଲେ । ତା'ପରେ ସେ ପାଖରେ ଠିଆ ହୋଇଥିବା ତିନୋଟି କାରକୁ ଧକ୍କା ଦେଇଥିଲେ । ଦୁର୍ଘଟଣାର କିଛି ଘଣ୍ଟା ପରେ ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ଗିରଫ କରାଯାଇଛି ।

# ଜାତୀୟ ଓପନ୍ ଜିମ୍ନାଷ୍ଟିକ୍ସ ପାଇଁ ଯୋଗ୍ୟତା ହାସଲ କଲେ ସୁବିଦିତା

**ଭୁବନେଶ୍ୱର**

ପୁରୀର ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାର ଉପକନିଷ୍ଠ ବର୍ଗରେ ସୁବିଦିତା ବାଗ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ଜାତୀୟ ଓପନ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଜିମ୍ନାଷ୍ଟିକ୍ସ ହାଇପର୍ଫମାନ୍ସ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ୧୨ ବର୍ଷୀୟା ସୁବିଦିତା କଟକ ଜିଲ୍ଲାର ପ୍ରତିନିଧିତ୍ୱ କରି ଏଭଳି ସଫଳତା ଲାଭ କରିଛନ୍ତି ।

୧୩ବର୍ଷରୁ କମ୍ ଇଭେଣ୍ଟ୍‌ର ଅନ୍‌ଇଭିନ୍ ବାର୍ ଏବଂ ଟେବୁଲ ଭଲ୍ଟ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ ସେ । ଏହା ପୂର୍ବରୁ ୨୦୨୪ରେ କୋରାପୁଟର ଜୟପୁର ଠାରେ ଆୟୋଜିତ ରାଜ୍ୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାର ଟେବୁଲ ଭଲ୍ଟରେ ଓଡ଼ିଶାର ସର୍ବକନିଷ୍ଠ ଜିମ୍ନାଷ୍ଟ ଭାବେ କାଂସ୍ୟ ପଦକ ହାସଲ କରିଥିଲେ ।



ସୁବିଦିତା ହେଉଛନ୍ତି ଆଡଭୋକେଟ୍ ସସ୍ମିତା ବାଗ୍ ଓ ବିକ୍ରମ ବାଗଙ୍କ ସୁପୁତ୍ରୀ । ନିଜ କଠିନ ପରିଶ୍ରମ, ଅପୂର୍ବ ଏକାଗ୍ରତା, ଶୃଙ୍ଖଳିତ ଜୀବନ ତଥା ସମର୍ପଣ ଭାବ ଜରିଆରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଧିକରୁ ଅଧିକ ପଦକ ଜିତି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି ଏହି କୁନି କ୍ରୀଡ଼ାବିତ୍ ।

## ଆଇସିସି ନାଁରେ ଗମ୍ଭୀର ଅଭିଯୋଗ ଆଣିଲା ବାଂଲାଦେଶ

# ଟି-୨୦ ବିଶ୍ୱକପ୍‌ରୁ ୧୦୦ରୁ ଅଧିକ ସାମ୍ବାଦିକ ବିଦା

**ନୂଆଦିଲ୍ଲୀ**

ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୬କୁ ନେଇ ବିବାଦ ଥମିବାର ନାଁ ଧରୁନି । ପ୍ରଥମେ ବାଂଲାଦେଶକୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦେବା ଏବଂ ସ୍କଟ୍‌ଲାଣ୍ଡକୁ ସୁଯୋଗ ଦେବାର ନିଷ୍ପତ୍ତି ଆଲୋଚନାର ବିଷୟ ଥିଲା । ବାଂଲାଦେଶୀ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ, ଆଇସିସି ୧୦୦ରୁ ଅଧିକ ବାଂଲାଦେଶୀ ସାମ୍ବାଦିକଙ୍କ ସ୍ୱୀକୃତି (ଏକ୍ରିଡିଟେସନ୍) ଆବେଦନକୁ ପ୍ରତ୍ୟାଖ୍ୟାନ କରିଛି । ଏହା ଏକ ନୂତନ ବିବାଦ ସୃଷ୍ଟି କରିଛି ।

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମିଡିଆ କମିଟିର ଅଧ୍ୟକ୍ଷ ଅମଜାଦ ହୁସେନ ଏହା ନିଶ୍ଚିତ କରିଛନ୍ତି । ସେ କହିଛନ୍ତି, ପ୍ରାୟ ୧୩୦ ରୁ ୧୫୦ ବାଂଲାଦେଶୀ ସାମ୍ବାଦିକ ୨୦୨୬ ଟି୨୦ ବିଶ୍ୱକପ ପାଇଁ ଆବେଦନ କରିଥିଲେ, କିନ୍ତୁ କାହାକୁ ଆଇସିସି ସ୍ୱୀକୃତି ମିଳି ନାହିଁ । ସମସ୍ତ ବାଂଲାଦେଶୀ ସାମ୍ବାଦିକଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଛି ।



କିଛି ଫଟୋ ସାମ୍ବାଦିକଙ୍କୁ ପ୍ରଥମେ ଅନୁମୋଦନ କରାଯାଇଥିଲା, କିନ୍ତୁ ପରେ ସେମାନଙ୍କର ସ୍ୱୀକୃତି ପ୍ରତ୍ୟାହାର କରାଯାଇଥିଲା । ବାଂଲାଦେଶୀ ସାମ୍ବାଦିକ ମୀର ଫରିଦ କହିଛନ୍ତି, ତାଙ୍କୁ ଜାନୁଆରୀ ୨୦ରେ ଆଇସିସି ମିଡିଆ ବିଭାଗରୁ ଏକ ଅନୁମୋଦନ ଇମେଲ ଏବଂ ଭିସା ସମର୍ଥନ ପତ୍ର ପଠାଯାଇଥିଲା । କିନ୍ତୁ, କିଛି ଦିନ ପରେ, ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିବା ଜଣାଇ ଆଉ ଏକ ଇମେଲ ଆସିଲା ।

ବାଂଲାଦେଶ କ୍ରୀଡ଼ା ସାମ୍ବାଦିକ ସଂଘ (ବିଏସଜେଏ)ର ସଭାପତି ଆରିଫୁର ଏହି ନିଷ୍ପତ୍ତିକୁ ଦୃଢ଼ ନିନ୍ଦା କରିଛନ୍ତି । ସେ କହିଛନ୍ତି, ସେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବା ପାଇଁ ବାଂଲାଦେଶ କ୍ରୀଡ଼ା ପ୍ରେସ ସଂଘ (ବିଏସପିଏ) ଏବଂ ବାଂଲାଦେଶ କ୍ରୀଡ଼ା ସାମ୍ବାଦିକ ସମ୍ପ୍ରଦାୟ (ବିଏସଜେସି) ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବେ ।

ଆଇସିସିର ଗଣମାଧ୍ୟମ ବିଭାଗ ଏହି ବିଷୟରେ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ, କିନ୍ତୁ ଏହା ନିଶ୍ଚିତ ଯେ, ୨୦୨୬ ଟି୨୦ ବିଶ୍ୱକପ ପୂର୍ବରୁ ଏହି ବିବାଦ ଆହୁରି ଗଭୀର ହେବାରେ ଲାଗିଛି । ବାଂଲାଦେଶ-ଆଇସିସି ବିବାଦ ଆଉ କେବଳ କ୍ରିକେଟ ପର୍ଯ୍ୟନ୍ତ ସୀମିତ ନାହିଁ, ବରଂ ଏହା ଗଣମାଧ୍ୟମ ଏବଂ ସାମ୍ବାଦିକତାକୁ ମଧ୍ୟ ବ୍ୟାପିଛି ।

# ଭାରତ ମ୍ୟାଚ୍‌ରୁ ଓହରିଲେ ପିସିବି ଦେବ ୩୫୦ କୋଟି କ୍ଷତିପୂରଣ

**ଦୁବାଇ**

କଲମ୍ବୋରେ ଖେଳାଯିବାକୁ ଥିବା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରୁ ଓହରିଯିବାକୁ ପାକିସ୍ତାନ ବାହାସ୍ଫୋଟ ମାରୁଛି । ଏଭଳି କଲେ କିନ୍ତୁ ତା'ର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦୁଇ ଖଣ୍ଡ ହୋଇଯିବ । ଆଇସିସି ତ ଯାହା କାର୍ଯ୍ୟାନୁଷ୍ଠାନ ନେବ ପ୍ରସାରଣକାରୀ ସଂସ୍ଥା ମଧ ତା' ବିରୋଧରେ ୩୮ ନିୟୁତ ଡଲାର ବା ପାଖାପାଖି ୩୫୦ କୋଟି ଟଙ୍କାର କ୍ଷତିପୂରଣ ମୋକଦ୍ଦମା କରିବେ । ଏକଥା ବିଶ୍ୱକପ୍‌ର ପ୍ରସାରଣ ଅଧିକାର ହାସଲକାରୀ ସଂସ୍ଥା ପରୋକ୍ଷ ଭାବେ ପିସିବିକୁ ଜଣାଇ ଦେଇଛନ୍ତି । ଏହା ପୂର୍ବରୁ ପୂରା ବିଶ୍ୱକପ୍ କିମ୍ବା କୌଣସି ମ୍ୟାଚ୍‌ରୁ ଓହରିଲେ ପାକିସ୍ତାନକୁ ଏକଘରିକିଆ କରିବାର ସମସ୍ତ ରଣନୀତି ଆଇସିସି ପ୍ରସ୍ତୁତ କରିସାରିଛି । ଏହା ସତ୍ତ୍ୱେ ଯଦି ପାକିସ୍ତାନ ଓହରେ, ତା'ହେଲେ ତାକୁ ଏସିଆ କପ୍‌ରୁ ବାହାର କରିବ ଆଇସିସି । ପୁଣି କୌଣସି ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିବାର ସୁଯୋଗ ଦେବନି । ସେହିଭଳି ପାକିସ୍ତାନ ସୁପର ଲିଗ୍ ଲାଗି ବିଦେଶୀ ଖେଳାଳିଙ୍କୁ ଆପତ୍ତି ବିହୀନ ପ୍ରମାଣପତ୍ର ମଧ୍ୟ ଜାରି କରିବନି । ଯାହା ପାକିସ୍ତାନ କ୍ରିକେଟ୍ ପାଇଁ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହେବ । ସେଥିପାଇଁ ଇଞ୍ଜମାମ-ଉଲ୍-ହକ୍, ୱାସିମ ଆକ୍ରମ ଏବଂ ରସିଦ ଲତିଫଙ୍କ ଭଳି ପୂର୍ବତନ ଖେଳାଳି ଏଭଳି କୌଣସି ପଦକ୍ଷେପ ନନେବାକୁ ପିସିବିକୁ ପରାମର୍ଶ ଦେଇଛନ୍ତି ।

# ଏଭରଗ୍ରୀନ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅଧୀନସ୍ଥ ଜଜାଙ୍ଗ ପଞ୍ଚାୟତର ଜୋରିବାର ଖେଳ ପଡ଼ିଆରେ ଏଭର ଗ୍ରୀନ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ୨୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଭାଜପା ସାଧାରଣ ସମ୍ପାଦକ ତଥା ସାଂସଦ ପ୍ରତିନିଧି ଅଗନୁ ମହାନ୍ତ ଓ ଆଶାର ଦ୍ୱାର ଫାଉଣ୍ଡେସନର ଡାଇରେକ୍ଟର ବିଜୟ କୁମାର ମହାକୁଡ଼ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ରୂପେ ଜୁରୁଡ଼ି ସରପଞ୍ଚ ଶୁଭକାନ୍ତି ସଏ, ଜଜାଙ୍ଗ ସରପଞ୍ଚ ପ୍ରିୟଙ୍କା ମାଝୀ, ସଞ୍ଜୟ ପାତ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ରୂପେ ଅରୁଣ ମିଶ୍ର, ଦୀପାରାଣୀ ମହାକୁଡ଼, ଶକୁନ୍ତଳା ଗୋପ, ଜୁନୀ ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିଲେ ।




ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପ୍ରତିଯୋଗିତା ଶେଷ ହୋଇଥିବା ବେଳେ ଏଭର ଗ୍ରୀନ କ୍ଲବ ପକ୍ଷରୁ ଜଜାଙ୍ଗ ପୂର୍ବତନ ସରପଞ୍ଚ ଇନ୍ଦ୍ରମଣୀ ପୂର୍ତ୍ତୀ ପତାକା ଉତ୍ତୋଳନ କରିବା ପରେ ପ୍ରାୟ ୬୨ରୁ ଉର୍ଦ୍ଧ୍ୱ ଖେଳ ଇଭେଣ୍ଟ ଆୟୋଜିତ ହୋଇଥିଲା । ବିଭିନ୍ନ ବର୍ଗରେ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳ ଜୁରୁଡି, ବିଆଇଏଲ କଲୋନୀ, ଆନ୍ଧାମାନ୍ଧା, ହେସାବେଡ଼ା, ଜୋରିବାହାଲ ଭଳି ସ୍ଥାନୀୟ ଅଞ୍ଚଳର ଛାତ୍ର ଛାତ୍ରୀ, ଯୁବକ ଯୁବତୀ, ମହିଳା ମାନେ ଅଂଶଗ୍ରହଣ କରିଥିଲେ । ଧନୁ ତୀର ମାଧ୍ୟମରେ ଲକ୍ଷ୍ୟ ଭେଦ ଠାରୁ ଆରମ୍ଭ କରି ଦୌଡ ପ୍ରତିଯୋଗିତା, ଉଚ୍ଚ ଓ ଲମ୍ବ ଡିଆଁ, ସର୍ଟପୁଟ ଥ୍ରୋ, ଝୋଟି ପ୍ରତିଯୋଗିତା, ବେଲୁନ ବ୍ଲାଷ୍ଟ, ସର୍ଟପୁଟ, ଲୁଡୁ ଖେଳ, ଫେନ୍ସି ଡ୍ରେସ, ମ୍ୟୁଜିକ ଚେୟାର ପରି ବହୁ ଆକର୍ଷଣୀୟ ଖେଳ ଆୟୋଜିତ ହୋଇଥିଲା । ଅନ୍ତିମ ପର୍ଯ୍ୟାୟରେ ପିଲାଙ୍କୁ ନେଇ ନାଚଗୀତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଭରଗ୍ରୀନ କ୍ଲବର ସଭାପତି ହେମଲାଲ ଶର୍ମା, ସମ୍ପାଦକ ବସନ୍ତ କୁମାର ମାଝୀ, କୋଷାଧ୍ୟକ୍ଷ ସରୋଜ ଚାମ୍ପିଆ, ମନମୋହନ ସର୍ଦ୍ଦାର, ଟୁକୁନାନନ୍ଦ ମୁଣ୍ଡା, ଲକ୍ଷ୍ମଣ ମାଝୀ, ଖାନଦାନୀ ନାଏକ, ସଦାନନ୍ଦ ସର୍ଦ୍ଦାର, ରାଜୁ ପାତ୍ର, ସରୋଜ କୁଅଁର, ଧନ ବାହାଦୂରଙ୍କ ସମେତ ଅନ୍ୟ ସଦସ୍ୟ ଏହି ବାର୍ଷିକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏଭର ଗ୍ରୀନ କ୍ଲବ ପକ୍ଷରୁ ଜୋରିବାର ପଡ଼ିଆରେ ଆକର୍ଷଣୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ସାଧାରଣ ସମ୍ପାଦକ ଶ୍ରୀ ମାଝୀ କୃତଜ୍ଞତା ଜଣାଇଛନ୍ତି ।

# ଜିନ୍ଦଲ ପ୍ରୋତ୍ସାହନରେ ବେବି ଲିଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : କଳାରିଂ ଦଳ ଚାମ୍ପିଅନ୍

**କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ତ୍ରିଜଙ୍ଗା ବିସ୍ଥାପନ କଲୋନୀ ଅଞ୍ଚଳର ଇଡ୍‌କୋ ଗ୍ରାଉଣ୍ଡରେ ଏକ ବେବି ଲିଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ କରିଥିଲା, ଯେଉଁଥିରେ ସୁକିନ୍ଦା ଏବଂ ଦାନଗଦୀ ବ୍ଲକର ପାଞ୍ଚଟି ଗାଁର ପିଲାମାନେ ଉତ୍ସାହୀ ଭାବରେ ଅଂଶଗ୍ରହଣ କରିଥିଲେ । ଫାଉଣ୍ଡେସନ୍‌ର କ୍ରୀଡ଼ା ବିକାଶ ପଦକ୍ଷେପ ଅଧୀନରେ ନିୟମିତ ଫୁଟବଲ୍ ତାଲିମ ନେଉଥିବା ପିଲାମାନଙ୍କ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଫାଉଣ୍ଡେସନ୍ ଗତ ଦୁଇ ବର୍ଷ ଧରି ୯ରୁ ୧୩ ବର୍ଷ ବୟସର ପିଲାମାନଙ୍କୁ ସଂରଚିତ ଫୁଟବଲ୍ ପ୍ରଶିକ୍ଷଣ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇ ଆସୁଛି । ଏହି ପଦକ୍ଷେପର ଲକ୍ଷ୍ୟ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ କ୍ରୀଡ଼ାପ୍ରେମକୁ ପ୍ରୋତ୍ସାହିତ କରିବା । ଟୁର୍ଣ୍ଣାମେଣ୍ଟରେ ତିନୋଟି ଲିଗ୍ ମ୍ୟାଚ୍, ଦୁଇଟି ସେମିଫାଇନାଲ ମ୍ୟାଚ୍ ଏବଂ ଏକ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଫାଇନାଲରେ କଲାରିଂ ଦଳ ଚାମ୍ପିଅନ୍ ଭାବରେ ବିଜୟୀ ହୋଇଥିଲା । ବେଣାପାଟିଆ ଦଳ ରନର୍ସଅପ୍ ସ୍ଥାନ ହାସଲ କରିଥିଲା । ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନର ସଚିବ ସମ୍ବିତ କୁମାର ମହାନ୍ତି; ତ୍ରିଜଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ କାଗେଜୀ ପାତ୍ର; ସୁକିନ୍ଦା ବିଧାନସଭାର ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିମାନେ ବିଜେତା ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ଏବଂ ଯୁବ ଖେଳାଳିମାନଙ୍କ ସହିତ ଆଲୋଚନା କରିଥିଲେ, ଯାଜପୁର ଜିଲ୍ଲାରେ ଏକ ଦୃଢ଼ ଏବଂ ସ୍ଥାୟୀ ଫୁଟବଲ୍ ଭିତ୍ତିଭୂମି ନିର୍ମାଣର ଆବଶ୍ୟକତା ଉପରେ ମତାମତ ବାଣ୍ଟିଥିଲେ । ତାଙ୍କ ଅଭିଭାଷଣ ସମୟରେ, ସମ୍ବିତ କୁମାର ମହାନ୍ତି ୨୭ ତାରିଖରେ ବ୍ୟାସନଗର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଚୟନ ଶିବିରରେ ଅଂଶଗ୍ରହଣ କରିବାକୁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମାଞ୍ଚଳରେ ପିଲାମାନଙ୍କ ମଧ୍ୟରେ କ୍ରୀଡ଼ାପ୍ରେମ, ଶୃଙ୍ଖଳା, ଏକତା ଏବଂ ଭାଇଚାରା ବୃଦ୍ଧି କରିବାରେ ଏପରି କ୍ରୀଡ଼ା ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ଆୟୋଜକମାନେ ସିଏସଆର ଦଳ ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ କୃତଜ୍ଞତା ଜଣାଇଥିଲେ ।



# ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ବାଲୁଗାଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ଓ ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ମିଳିତ ଆନୁକୂଲ୍ୟରେ ରମ୍ଭା ପାନ୍ଥ ନିବାସ ନିକଟସ୍ଥ ଜେଟି ଓ ତତ୍‌ସଂଲଗ୍ନ ଅଞ୍ଚଳର ବର୍ଜ୍ୟ ପ୍ଲାଷ୍ଟିକ ଆବର୍ଜନା ସମୂହକୁ ଉଭୟ ବିଭାଗୀୟ କର୍ମଚାରୀମାନେ ସଂଗ୍ରହ କରି ସ୍ୱତନ୍ତ୍ର ଆବର୍ଜନା ସ୍ଥଳୀକୁ ସ୍ଥାନାନ୍ତର କରି ପରିବେଶ ପ୍ରଦୂଷଣ ମୁକ୍ତ କରିଛନ୍ତି । ଏହି ଅଭିଯାନକୁ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତି ଆଶାଲତା ରଚମାଳା ଓ ଅଧ୍ୟକ୍ଷା ମାନସୀ ସ୍ୱାଇଁ, କାଉନସିଲର ସମରସେନ ପଣ୍ଡା, କ୍ଷେତ୍ର ମୋହନ ବେହେରା, ଅଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନା ସ୍ୱାଇଁ, ବିଶିଷ୍ଟ ପରିବେଶବିତ୍ ବିଜୟ କୁମାର ବିଶ୍ୱାଳ, ନିର୍ମଳ ରଣସିଂହ, ରମ୍ଭା ବନପାଳ ସ୍ୱର୍ଣ୍ଣପ୍ରଭା ମହାପାତ୍ର, କେଶପୁର ବନପାଳ ବଳରାମ ସାହୁ, ପିଟିଶାଳ ବନପାଳ ଦୁର୍ଗା ଚରଣ ଟୁଡୁ, ନନ୍ଦଳା ବନପାଳ ଦିଲ୍ଲୀପ କୁମାର ସ୍ୱାଇଁ, ବନରକ୍ଷୀ ସନ୍ତୋଷ କୁମାର ସାହୁ, ଭାନୁମତୀ ବେହେରା, ସତ୍ୟ ରଞ୍ଜନ ରଥ, ତପନ କୁମାର ଜେନା, ଆଲୋକ କୁମାର ଜେନା, ସୁଭଦ୍ରା ଜେନା, ଚିରାଗ ମାରାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡଲଫିନ ସ୍କ୍ୱାର୍ଡ, ଆଣ୍ଟି ପୋଚିଂ ସ୍କ୍ୱାର୍ଡ, ରମ୍ଭା ଏନ୍.ଏ.ସି ପରିମଳ ସ୍କ୍ୱାର୍ଡଙ୍କ ସମେତ ସମସ୍ତ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ ।




OFFICE OF THE SUPERINTENDING ENGINEER,
P.H. DIVISION, BHUBANESWAR, SAHID NAGAR, ODISHA
C-2178
Phone / FAX 0674-2540578 (O) / e-Mail: eephiiibbsr@gmail.com
**Office Order No. 693 /Dt. 27.01.2026**
Bid Identification No. EEPHBBSR-67 / 2025-26 Dt. 07.01.2026

1) **The Tender ID : - 2026_PHEO_124380_1** for the work "Supply of ISI Marked Centrifugally Cast(Spun) Ductile Iron K-7 Socket / Spigot Pressure Pipes required for the work of "Automation of Water Supply to Odagaon NAC (24 X 7 Water Supply)." **is hereby cancelled due to 1st time single bid**.

Sd/- SUPERINTENDING ENGINEER
P.H. DIVISION, BHUBANESWAR

GOVERNMENT OF ODISHA E-mail ID: eelicd3bangomunda@gmail.com
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
LOWER INDRA CANAL DIVISION NO-III, BANGOMUNDA
AT/PO-BORABAHAL DIST:-BALANGIR, ODISHA, PIN:-767040
A-1333
e-Procuremcnt Notice No. SELICD-01/2025-26, Dt. 17.01.2026 (online)
No-61 **1st CORRIGENDUM** Dated 21.01.2026

In partial modification of this office **e-Procurement Notice No. SELICD-01/2025-26, dated 17.01.2026 (Online),** issued by the Superintending Engineer, Lower Indra Canal Division No-III, Bangomunda, it is hereby notified that **due to unavoidable circumstances,** the following amendment has been made :The Bid Submission Closing Time has been revised to **10.00 A.M. on 02.02.2026** in place of 5.00 P.M. on 01.02.2026. All other terms and conditions of the tender shall remain unchanged

(Er. Soumya Kishore Jaipuria)
Superintending Engineer,
Lower Indra Canal Division No-III, Bangomunda

## ସଦ୍‌ଗୁରୁ କଲେଜ ଅଫ୍ ନର୍ସିଂ ଏବଂ ଏଲାଇଡ୍ ମେଡିକାଲ୍ ସାଇନ୍ସର ପ୍ରଥମ ବାର୍ଷିକ ଉତ୍ସବ

# "ନର୍ସ ହେବା ପୂର୍ବରୁ ଜଣେ ଭଲ ମଣିଷ ହୁଅ"

- ଛାତ୍ରଛାତ୍ରୀଙ୍କୁ ମୂଲ୍ୟବୋଧ ଓ ମାନବିକତାର ପାଠ ପଢ଼ାଇଲେ ଅତିଥି
- ସ୍ୱାସ୍ଥ୍ୟସେବାକୁ କରୁଣାର ପେଶା ଭାବେ ଗ୍ରହଣ କରିବାକୁ ଆହ୍ୱାନ

**କଟକ, ନ୍ୟୁଜ୍‌ବ୍ୟୁରୋ**

'ସଦଗୁରୁ କଲେଜ ଅଫ୍ ନର୍ସିଂ ଏବଂ ଏଲାଇଡ୍ ମେଡିକାଲ୍ ସାଇନ୍ସ'ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଥିଲେ ଯେ, ଆଜିର ଦିନ କେବଳ ସଫଳତାର ଉତ୍ସବ ନୁହେଁ, ବରଂ ଏହା ହେଉଛି ସେବା ପାଇଁ ଏହା ଏକ ପ୍ରେରଣା । ବିଶିଷ୍ଟ ଅତିଥି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ସୂତ୍ର ବାଣ୍ଟିବା ସହ ଜୀବନରେ ନୈତିକତା ଓ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ତେବେ ଏହି ନର୍ସିଂ କଲେଜ ଆଗାମୀ ଦିନରେ ଏକ ପ୍ରତିଷ୍ଠିତ ମେଡିକାଲ କଲେଜର ରୂପ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସଦଗୁରୁ କଲେଜର ମ୍ୟାନେଜିଂ ଟ୍ରଷ୍ଟି ନନ୍ଦିତା ପଣ୍ଡା କହିଥିଲେ ଯେ, ନର୍ସିଂ ଏକ ଅତ୍ୟନ୍ତ ସମ୍ମାନନୀୟ ପେଶା । ଡାକ୍ତର ରୋଗ ଚିହ୍ନଟ କରିପାରନ୍ତି ଏବଂ ମେସିନ୍ ରୋଗୀଙ୍କୁ ନିରୀକ୍ଷଣ କରିପାରେ, କିନ୍ତୁ କେବଳ ଜଣେ ନର୍ସ ହିଁ ସ୍ନେହ, ମମତା ଓ ସହାନୁଭୂତି ସହିତ ରୋଗୀର ଚିକିତ୍ସା କରେ । ଦକ୍ଷତା ଚାକିରି ଦେଇପାରେ, କିନ୍ତୁ ଚରିତ୍ର ସମ୍ମାନ ଦିଏ । ଲୋକେ ହୁଏତ ପରୀକ୍ଷାର କେତେ ନମ୍ବର ରଖିଲ ତାକୁ ଭୁଲିଯାଇପାରନ୍ତି, କିନ୍ତୁ ତମେ ମାନେ ଯେଉଁ ସେବା ଓ ବ୍ୟବହାର ସେମାନଙ୍କୁ ପ୍ରଦାନ କରିଥିବ ତାହା ସେମାନେ କେବେ ଭୁଲିବେ ନାହିଁ । ତେଣୁ କର୍ତ୍ତବ୍ୟକୁ ଦାୟିତ୍ୱବୋଧତାରେ ପରିଣତ କରିବାକୁ ସେ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏତଦବ୍ୟତୀତ ଜଣେ ଭଲ ପେଶାଦାର ହେବା ପୂର୍ବରୁ ପ୍ରଥମେ ଜଣେ ଭଲ ମଣିଷ ହେବା ଆବଶ୍ୟକ । ମିଠା କଥା, ଧୈର୍ଯ୍ୟ ଏବଂ ସେବା ହିଁ ଜଣେ ନର୍ସଙ୍କୁ ଅନ୍ୟମାନଙ୍କଠାରୁ ଅଲଗା ପରିଚୟ ଦେଇଥାଏ ବୋଲି ସେ କହିଥିଲେ । ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡା. ପ୍ରଦୀପ କୁମାର ମହାନ୍ତି ଅଧ୍ୟକ୍ଷତା କରି ନିଷ୍ଠାବାନ ଶିକ୍ଷକମଣ୍ଡଳୀଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଅନୁଷ୍ଠାନ ର ମ୍ୟାନେଜିଂ ଟ୍ରଷ୍ଟି ସମିତା ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ କଲେଜ ଦୁଇ ବର୍ଷ ମଧ୍ୟରେ ପାଇଥିବା ସଫଳତା ସମସ୍ତଙ୍କ ମିଳିତ ଉଦ୍ୟମ ଯୋଗୁଁ ସମ୍ଭବ ହୋଇଛି ବୋଲି କହିଥିଲେ ।



ମୁଖ୍ୟ ବକ୍ତା ଭାବେ କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଗୋବିନ୍ଦ ଚରଣ ଦାଶ, ସମ୍ମାନୀତ ଅତିଥି ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଷ୍ଣୁ ପଟ୍ଟନାୟକ, ଅନ୍ୟତମ ଅତିଥି ବିଶିଷ୍ଟ ଲେଖକ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇ ଜୀବନରେ ସେବାକୁ ପରମ କର୍ତ୍ତବ୍ୟ ରୂପେ ଗ୍ରହଣ କରିବାକୁ ଉପସ୍ଥିତ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସଦ୍‌ଗୁରୁ କଲେଜର ପ୍ରିନ୍ସିପାଲ ଲାଡଲି ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଏଲାଇଡ୍ ମେଡିକାଲ୍ ସାଇନ୍ସର ଏଚଓଡି ଡ. ପ୍ରୀତିମୟୀ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ନର୍ସିଂ କଲେଜରୁ କୃତୀତ୍ୱ ହାସଲ କରିଥିବା ସଫଳ ଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ସହ ଉତ୍ତରୀୟ ପ୍ରଦାନ କରି ଅତିଥିମାନେ ସମ୍ମାନୀତ କରିଥିଲେ । ଚର୍ଚ୍ଚିତ ୟୁଟ୍ୟୁବର କ୍ରାଷ୍ଟୀ ଓ ରାଧେଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ ଚନ୍ଦ୍ରଭାନୁ ଭୂୟାଁ ଧନ୍ୟବାଦ ଦେଇଥିଲେ ।

ଭୁବନେଶ୍ୱର
୨୯ ଜାନୁଆରୀ,
ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ



**ପୁରୀ, ୨୮।୧ :ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ପାଇଁ ବୁଧବାର ବନ୍ଦ ରହିଥିଲା ସାଧାରଣ ଦର୍ଶନ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ମାଘ ଶୁକ୍ଳ ଦଶମୀ ତିଥିରେ ଅନୁଷ୍ଠିତ ହୋଇଥିଲା ମହାପ୍ରଭୁଙ୍କର ଏହି ନୀତି। ବନକଲାଗି ନୀତି ପାଇଁ ଚାରି ଘଣ୍ଟା ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପ୍ରାୟ ୪ ଘଣ୍ଟା ଧରି ଏହି ବନକ ଲାଗି ନୀତି କରାଯାଇଥିବାବେଳେ ମହାପ୍ରଭୁଙ୍କ ଶ୍ରୀମୁଖକୁ ବିଭିନ୍ନ ପ୍ରାକୃତିକ ରଙ୍ଗରେ ସଜ୍ଜିତ କରାଯାଇଥିଲା। ଏଥିପାଇଁ ଆବଶ୍ୟକ ହେଙ୍ଗୁଳ, ହରିତାଳ, କର୍ପୁର ଓ କସ୍ତୁରୀ ବ୍ୟବହାର କରାଯାଇ ଦତ୍ତ ମହାପାତ୍ର ସେବାୟତମାନେ ଏହି ନୀତି ସମ୍ପନ୍ନ କରିଥିଲେ। ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ଦ୍ୱାରା ଶ୍ରୀଜିଉଙ୍କ ମୁଖ ମଣ୍ଡଳ ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଉଥିଲା।

ମହାପ୍ରଭୁଙ୍କ ସ୍ୱତନ୍ତ୍ର 'ବନକଲାଗି' ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ମହାପ୍ରଭୁଙ୍କ ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ କିଛି ଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ବନକଲାଗି ହେଉଛି ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ସେବା। ଦତ୍ତମହାପାତ୍ର ସେବକମାନେ ପାରମ୍ପରିକ ପ୍ରାକୃତିକ ରଙ୍ଗ ଯଥା - ହିଙ୍ଗୁଳ, ହରିତାଳ, ଶଙ୍ଖ, କସ୍ତୁରୀ ଓ କଳା ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଜ୍ଜ୍ୱଳ କରିଥାନ୍ତି। ଏହାଦ୍ୱାରା ମହାପ୍ରଭୁଙ୍କ ଶ୍ରୀମୁଖ ପୁଣି ଥରେ ନୂତନ ରୂପ ପାଏ।





କଟକ : ପବିତ୍ର ଗଣତନ୍ତ୍ର ଦିବସ ଉତ୍ସବ ପାଳନ ଅବସରରେ ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ଖ୍ୟାତିସମ୍ପନ୍ନ ଡାକ୍ତର ଡା. ଅୟନ ବୋଷ ଜାତୀୟ ପତାକା ଉତ୍ତୋଳନ କରି ଗଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ସଂଘ ସଭାପତି ସଲୀଲ୍ କୁମାର ଘୋଷ ଓ ସମ୍ପାଦକ ଜଗନ୍ନାଥ ପ୍ରସାଦ ଭଗତ୍ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଡା. ବୋଷ୍ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ଓ ଉପହାର ପ୍ରଦାନ କରିଥିଲେ। (ଫଟୋ : ସମ୍ବାଦ କଳିକା)

## ରତ୍ନଭଣ୍ଡାର ଚାବି ହଜିବା ମାମଲା

# ତଦନ୍ତ ରିପୋର୍ଟ ଉପସ୍ଥାପନ ନ ହେବାରୁ ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ, ୨୮।୧ :ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଦନ୍ତ କରି ଜଷ୍ଟିସ୍ ରଘୁବୀର ଦାଶ କମିଶନ ଦାଖଲ କରିଥିବା ରିପୋର୍ଟ ବିଧାନସଭାରେ ଏ ପର୍ଯ୍ୟନ୍ତ ଉପସ୍ଥାପନ କରାଯାଇ ନଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ବିଧାନସଭା ଅଧିବେଶନରେ ତଦନ୍ତ କମିଶନ ରିପୋର୍ଟ ଉପସ୍ଥାପନ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରସଙ୍ଗରେ ହାଇକୋର୍ଟ ବୁଧବାର ଶୁଣାଣି କରିଥିବା ବେଳେ ଜାନୁଆରୀ ୩୦ରେ ସବିଶେଷ ନିର୍ଦ୍ଦେଶ ପ୍ରଦାନ କରାଯିବ ବୋଲି କହିଛନ୍ତି। ରତ୍ନଭଣ୍ଡାରରେ ରହି ଆସୁଥିବା ଶ୍ରୀଜୀଉଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତିମଣତି ପାଇଁ ପ୍ରସ୍ତୁତ ଏସ୍‌ଓପିର ଅନୁମୋଦନ ଓ ଏ ସଂପର୍କିତ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସଂପୂର୍ଣ୍ଣ କରିବା ଉପରେ ମଧ୍ୟ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଦିଲ୍ଲୀପ କୁମାର ବରାଳଙ୍କ ଜନସ୍ୱାର୍ଥ ଆବେଦନର



ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୨୦୧୮ରେ ବିଚାର ବିଭାଗୀୟ ତଦନ୍ତ କମିଶନ ରିପୋର୍ଟ ଦାଖଲ କରିଥିବା ବେଳେ ସରକାର ବିଧାନସଭାରେ ଏ ପର୍ଯ୍ୟନ୍ତ ଉପସ୍ଥାପନ କରି ନାହାନ୍ତି। ଏଥି ସହିତ ଗଣତିମଣତି ପ୍ରକ୍ରିୟା ପାଇଁ ଏସ୍‌ଓପି ଚୂଡ଼ାନ୍ତ ଅନୁମୋଦନ ଅପେକ୍ଷାରେ ରହିଛି। ଗଣତିମଣତି ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଶେଷ କରାଯିବା ଉଚିତ ବୋଲି ଆବେଦନକାରୀ ଦର୍ଶାଇଥିଲେ। ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦର୍ଶାଇଥିଲେ ଯେ ତଦନ୍ତ କମିଶନ ରିପୋର୍ଟ ଉପସ୍ଥାପନ ପାଇଁ ସରକାର ଆଗ୍ରହୀ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଏସ୍‌ଓପି ପ୍ରସ୍ତୁତ କରାଯାଇଛି। ଏସ୍‌ଓପି ଅନୁମୋଦନ ପରେ ଗଣତିମଣତି କାର୍ଯ୍ୟ ଆଗେଇବ। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପ୍ରକ୍ରିୟା ପାଇଁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ସହଯୋଗ ନେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ସୂଚନାଯୋଗ୍ୟ, ୨୦୧୮ରେ ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ସରକାର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରଘୁବୀର ଦାଶଙ୍କୁ କମିଶନଙ୍କ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଥିଲେ। ତଦନ୍ତ ପରେ କମିଶନ ୨୦୧୮, ନଭେମ୍ବର ୨୯ରେ ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ରତ୍ନଭଣ୍ଡାର ଚାବି ହଜିବା ରହସ୍ୟ ରହିଛି। କିନ୍ତୁ ସରକାର ଏହି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରୁନାହାନ୍ତି। ରିପୋର୍ଟକୁ ସାର୍ବଜନୀନ ମଧ୍ୟ କରାଯାଉ ନାହିଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ରିପୋର୍ଟ ପ୍ରଦାନ

## ସମୀକ୍ଷା ପୋର୍ଟାଲ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୧**
**ନ୍ୟୁଜ୍‌ବ୍ୟୁରୋ**

ଷଷ୍ଠ ରାଜ୍ୟ ଅର୍ଥ କମିଶନର ବୁଧବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ସମୀକ୍ଷା' ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି, ଯାହା ରାଜ୍ୟ ଅର୍ଥ କମିଶନ ଏବଂ କେନ୍ଦ୍ର ଅର୍ଥ କମିଶନ ଅନୁଦାନ ଅଧୀନରେ ରାସ୍ତା, ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଆଲୋକୀକରଣ, ପାର୍କ ଏବଂ ସାଧାରଣ ଉପଯୋଗୀତା ଇତ୍ୟାଦି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ବିଷୟରେ ପ୍ରକୃତ ସୂଚନା ପ୍ରଦାନ କରିବ । ନାଗରିକ, ନିର୍ବାଚିତ ପ୍ରତିନିଧି କିମ୍ବା ଯେକୌଣସି ବ୍ୟକ୍ତି ଏଚଟିଟିପିଏସ୍://ସମୀକ୍ଷା.ଓଡ଼ିଶା.ଜିଓଭି.ଇନ୍ ଲିଙ୍କ୍ ମାଧ୍ୟମରେ ପୋର୍ଟାଲରେ ପ୍ରବେଶ କରି ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରଗତି ତଦାରଖ କରିପାରିବେ। ବୈଠକରେ ଅଧ୍ୟକ୍ଷତା କରି



ମୁଖ୍ୟମନ୍ତ୍ରୀ ଓଡ଼ିଶାର ଆର୍ଥିକ ମାନଦଣ୍ଡ, ପଞ୍ଚାୟତ ସ୍ତରର ଢାଞ୍ଚା ପରିବର୍ତ୍ତନ, ଜନସାଧାରଣଙ୍କ ଜୀବନଧାରଣାର ମାନ ବୃଦ୍ଧି, ପ୍ରତ୍ୟେକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ଥିତି ସୁଧାରିବାକୁ ତତ୍‌ସହିତ ସମୃଦ୍ଧ ଓଡ଼ିଶାର ଭିତ୍ତି ସୁଦୃଢ଼ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟଯେ, କମିଶନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରେ ଏକ ପୂର୍ବାନୁମାନଯୋଗ୍ୟ ଏବଂ ସୂତ୍ର-ଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମାନତା ବିଚାର, ଆଞ୍ଚଳିକ ବୈଷମ୍ୟ, ଗ୍ରାମୀଣ ଏବଂ ସହରାଞ୍ଚଳର ସ୍ଥାନୀୟ ପୃଥକ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। କମିଶନ ସ୍ଥାନୀୟ ସଂସ୍ଥା ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଏବଂ ଅଣ-ଆର୍ଥିକ ଉଭୟ ସୁପାରିସ କରିଛନ୍ତି। ଏହି ବୈଠକରେ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ବିଶାଳ ଦେବ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସଚିବ ଗିରିଶ ଏସ.ଏନ ପ୍ରମୁଖ ଉପସ୍ଥିତ ଥିଲେ। କମିଶନର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ।

ଏହି ଅବସରରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକଙ୍କ ସହିତ; ସଦସ୍ୟ ସଚିବ-ଡକ୍ଟର ସତ୍ୟ ପ୍ରିୟ ରଥ, ପଦାଧିକାରୀ ସଦସ୍ୟ-ତଥା- ନିର୍ଦ୍ଦେଶକ, ପୌର ପ୍ରଶାସନ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର : ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ଅବସରରେ 'ଦି ପ୍ରେସ୍ କ୍ଲବ୍ ଅଫ ଓଡ଼ିଶା' କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ କୈଳାସ ବେହେରା, ସରୋଜ ପରିଡ଼ା, ବିଶ୍ୱନାଥ ନାୟକ, ଭି. କ୍ରିଷ୍ଣମୂର୍ତ୍ତି, ପ୍ରକାଶ ପାଲଟା ସିଂହ ଓ ଗୌରାଙ୍ଗ ଜେନା ପ୍ରମୁଖ ସହାୟତା କରିଥିଲେ। (ଫଟୋ : ସମ୍ବାଦ କଳିକା)

# ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

## ଗସ୍ତ ଅଞ୍ଚଳକୁ ନୋ ଫ୍ଲାଇଙ୍ଗ ଜୋନ୍ ଘୋଷଣା

**ବାରିପଦା, ୨୮।୧**
**ନ୍ୟୁଜ୍‌ବ୍ୟୁରୋ**

ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୩ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତନ୍ତ୍ର ବ୍ୟବସ୍ଥା ସହ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଫେବୃୟାରୀ ୪ରୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ଗସ୍ତ ଅଞ୍ଚଳକୁ ନୋ ଫ୍ଲାଇଙ୍ଗ ଜୋନ ଭାବେ ଘୋଷଣା କରାଯାଇଛି। ଫେବୃୟାରୀ ୪ରେ ରାଇରଙ୍ଗପୁର ସ୍ଥିତ ଦାଣ୍ଡବୋଷରେ ପହଞ୍ଚି ହୋଲି ଡେ ହୋମ୍ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ଯାଇ ଉଦ୍‌ଘାଟନ କରିବେ। ମହୁଲଡ଼ିହା ସ୍ଥିତ ସରକାରୀ ଏସଏସଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ଭଞ୍ଜବୀର ସୁନାରାମ ସୋରେନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଲୋକାର୍ପଣ କରିବେ। ରାଇରଙ୍ଗପୁର ସ୍ଥିତ ଘରକୁ ଯାଇ ସେଠାରେ ଭୋଜନ କରି ବିଶ୍ରାମ କରିବେ। ଅପରାହ୍ଣରେ କଚେରୀ ପଡ଼ିଆରେ ଲୋକାର୍ପଣ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ରାଇରଙ୍ଗପୁର ସ୍ଥିତ ଘର କିମ୍ବା ଅତିଥି ଭବନକୁ ଯିବେ। ସେଠାରେ ସ୍ଥାନୀୟ ଲୋକମାନଙ୍କ ସହ ଭାବ ବିନିମୟ କରିବା ସହ ରାତ୍ରି ରହଣି କରିବେ। ତହିଁ ପରଦିନ ଡ଼କୁମେଣ୍ଟାରୀ ଚଳଚ୍ଚିତ୍ର ସୁଟିଙ୍ଗ ନିମନ୍ତେ ଉପରବେଡ଼ା, ପାହାଡ଼ପୁର ଓ ରାଇରଙ୍ଗପୁର ବିଭିନ୍ନ ସ୍ଥାନକୁ ଗସ୍ତ କରିବେ। ରାଇରଙ୍ଗପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବେ। ଏହାପରେ ଘରେ ମଧ୍ୟାହ୍ନ ଭୋଜନ ଗ୍ରହଣ କରି ବିଶ୍ରାମ ନେଇ ଅପରାହ୍ଣରେ ଦାଣ୍ଡବୋଷରୁ ହେଲିକ୍ୟାପ୍ଟର ଯୋଗେ ବାହାରି ଯଶିପୁର ସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବେ। ଏହାପରେ ସ୍ୱତନ୍ତ୍ର ଗାଡ଼ିରେ ସଡ଼କ ପଥରେ ଶିମିଳିପାଳ ଭିତରକୁ ପ୍ରବେଶ କରିବେ। ଶିମିଳିପାଳ ବୁଲିବା ସହ ରାତ୍ର ଭୋଜନ କରି ରାତ୍ରି ରହଣି କରିବେ। ତହିଁ ପରଦିନ ସକାଳୁ ଶିମିଳିପାଳ ଅଞ୍ଚଳର ଆଦିବାସୀ ମହିଳା ଓ ଯୁବକମାନଙ୍କ ସହ ଆଲୋଚନା କରି ରାଷ୍ଟ୍ରପତି ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ଯାତ୍ରା କରିବେ। ଉକ୍ତ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କଡ଼ା ସୁରକ୍ଷା ବଳୟକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳଗୁଡ଼ିକ ୩ ଦିନ ପାଇଁ ନୋ ଫ୍ଲାଇଙ୍ଗ ଜୋନ ଭାବେ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳରେ କୌଣସି ବ୍ୟକ୍ତି ବିଶେଷ, ଅନୁଷ୍ଠାନ କିମ୍ବା ଗଣମାଧ୍ୟମ ପକ୍ଷରୁ ଡ୍ରୋନ୍ ଉଡ଼ାଇବା ପାଇଁ ପ୍ରତିବନ୍ଧକ ଲଗାଯାଇଥିବା ନେଇ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଯୋଗାଣ ମନ୍ତ୍ରୀଙ୍କ କଡ଼ା ତାଗିଦ

# ମୃତ ବ୍ୟକ୍ତିଙ୍କ ନାଁରେ ଯେତିକି ଚାଉଳ ଉଠିଥିବ ଦେଢ଼ଗୁଣା ଆଦାୟ ହେବ

**ଭୁବନେଶ୍ୱର, ୨୮।୧**
**ନ୍ୟୁଜ୍‌ବ୍ୟୁରୋ**

ମୃତକଙ୍କ ନାଁରେ ଚାଉଳ ଉଠାଉଥିବା ବ୍ୟକ୍ତିଙ୍କୁ କଡ଼ା ତାଗିଦ କଲେ ଯୋଗାଣ ମନ୍ତ୍ରୀ। ମୃତକଙ୍କ ନାଁରେ ଚାଉଳ ଉଠାଉଥିଲେ ଆକ୍ସନ୍ ହେବ କହିଛନ୍ତି କୃଷ୍ଣଚନ୍ଦ୍ର ପାତ୍ର। ମୃତ ବ୍ୟକ୍ତିଙ୍କ ନାଁରେ ଯେତିକି ଚାଉଳ ଉଠିଥିବ, ଦେଢ଼ଗୁଣା ଆଦାୟ ହେବ ବୋଲି କହିଛନ୍ତି। ଯେଉଁମାନେ ମୃତ ବ୍ୟକ୍ତିଙ୍କ ନାଁରେ ଚାଉଳ ଉଠାଇଛନ୍ତି ଧରାପଡ଼ିଲେ ସରକାର କ୍ଷତିପୂରଣ ଆଦାୟ କରିବେ। ଇ-କେୱାଇସିରେ ୬ ଲକ୍ଷ ୯୫ ହଜାରରୁ ଊର୍ଦ୍ଧ୍ୱ ମୃତ ହିତାଧିକାରୀ ଚିହ୍ନଟ



ହୋଇଛନ୍ତି। ମୃତ ହିତାଧିକାରୀ ବିଷୟରେ ତଥ୍ୟ ଜଣାଇ ନାଁ କାଟିବାକୁ ମନ୍ତ୍ରୀ ଅପିଲ କରିଛନ୍ତି।

# ଠିକାଦାର ଡାଟାବେସ ମ୍ୟାନେଜମେଣ୍ଟ ସିଷ୍ଟମ ୩.୦ର ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୧ :ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ପୂର୍ତ୍ତ ବିଭାଗରେ କାମ କରୁଥିବା ଠିକାଦାରମାନଙ୍କ ପାଇଁ ନୂଆ ବ୍ୟବସ୍ଥା। ଠିକାଦାର ପରିଚାଳନା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସରଳ ଓ କାର୍ଯ୍ୟକ୍ଷମ କରିବାକୁ ଠିକାଦାର ଡାଟାବେସ ମ୍ୟାନେଜମେଣ୍ଟ ସିଷ୍ଟମ ୩.୦ର ଶୁଭାରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ବ୍ୟତୀତ ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗ ଏହି ବ୍ୟବସ୍ଥା ଆପଣାଇବେ। ୨୦୧୮ ମସିହାରେ ମାନୁଆଲ ପରିଚାଳନା ବ୍ୟବସ୍ଥା ଦୂର କରି ଇ-ଗଭରନାନ୍ସର ଅଂଶ ବିଶେଷ ଭାବେ ସିଡିଏମଏସ ଆପ୍ଲିକେସନ ଆରମ୍ଭ ହୋଇଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ କିଛି ଅପଡେଟ ସହ ନୂଆ ବ୍ୟବସ୍ଥାରେ ଠିକାଦାରଙ୍କ ବାବଦରେ ସୂଚନା, ଲାଇସେନ୍ସ, କାର୍ଯ୍ୟଦକ୍ଷତା ସଂରକ୍ଷିତ ରହିବ। ସିଡିଏମଏସ ୩.୦ ଏଆଇଏମଏଲ ଏବଂ ଡାଟା ଆନାଲିଟିକ୍ସ ଭଳି ପ୍ରଯୁକ୍ତି ଯୋଡି ହେବ। ଗୋଟିଏ ପ୍ୟାନ-ଗୋଟିଏ ଲାଇସେନ୍ସ ପ୍ରଣାଳୀ ଦ୍ୱାରା ଦୁର୍ନୀତି ହ୍ରାସ ଓ କାମର ଗୁଣବତ୍ତା ଉପରେ ନଜର ରଖାଯିବ। ଏହି ନୂଆ ଆପ୍ଲିକେସନର ଶୁଭାରମ୍ଭ କରିଛନ୍ତି ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୮.୧.୨୦୨୬
୫,୧୭,୬୩୮ଟଙ୍କା
ସୁନା:- ୦୦ଗ୍ରାମ୍ ୧୫୦ ମିଲିଗ୍ରାମ୍
ରୂପା:-୩୧ ଗ୍ରାମ୍ ୧୫୦ ମିଲିଗ୍ରାମ୍

# ପୂର୍ତ୍ତ ବିଭାଗ ପକ୍ଷରୁ ଇ-ଆଇବି ଡିଜିଟାଲ ବୁକିଙ୍ଗ ପ୍ଲାଟଫର୍ମର ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୧**
**ନ୍ୟୁଜ୍‌ବ୍ୟୁରୋ**

ପୂର୍ତ୍ତ ବିଭାଗ ପକ୍ଷରୁ ଇ-ଆଇବି ଡିଜିଟାଲ ବୁକିଙ୍ଗ ପ୍ଲାଟଫର୍ମର ଶୁଭାରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ଅଧୀନରେ ଭୁବନେଶ୍ୱର, ପୁରୀ ଓ କୋଣାର୍କରେ ଥିବା ଡାକବଙ୍ଗଳା ବୁକିଙ୍ଗ ଓ ଆବଣ୍ଟନ ପ୍ରକ୍ରିୟାକୁ ଇ-ଆଇବି ପ୍ଲାଟଫର୍ମ ସହଜ ଓ ସରଳ କରିବ। ଏହା ବିଭାଗ ଓ ସାଧାରଣ ଜନତାଙ୍କ ପାଇଁ ଲାଭପ୍ରଦ ହେବ। ଅନଲାଇନ ମାଧ୍ୟମରେ ରୁମ ବୁକିଙ୍ଗ ଓ ବାତିଲ ବ୍ୟବସ୍ଥା ସହ ବୁକିଙ୍ଗ ସମ୍ବନ୍ଧୀୟ ସୂଚନା ଯେ କୌଣସି ସ୍ଥାନରୁ ଜାଣିହେବ।

# ରାୟଗଡ଼ା ସହରରେ ଜଣ୍ଡିସ ଆଶଙ୍କା

## ସ୍ୱାସ୍ଥ୍ୟ ବିଭାଗର ତନାଘନା

**ରାୟଗଡ, ୨୮।୧ :ନ୍ୟୁଜ୍‌ବ୍ୟୁରୋ**

ରାୟଗଡା ସହର ଇନ୍ଦିରା ନଗର ଷଷ୍ଠ ଲେନ, କସ୍ତୁରୀ ନଗର ପ୍ରଥମ ଲେନ ଏବଂ କତୁରୁ ବସ୍ତିରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଚଳିତ ମାସରେ ୧୦ ରୁ ୧୨ ଜଣ ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ସୂଚନାରୁ ଜଣାପଡିଛି। ଏନେଇ ସହରାଞ୍ଚଳ ଚକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ସେମାନଙ୍କୁ ଭାଇରାଲ ଜ୍ୱର ହୋଇଥିବା ନେଇ ଡାକ୍ତର କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କିଛି ବ୍ୟକ୍ତିଙ୍କ ଆଖି ହଳଦିଆ ହେବା ସହ ଜଣ୍ଡିସର ଅନ୍ୟ ଲକ୍ଷଣ ଦେଖାଯିବାରୁ ଘରୋଇ ଡାକ୍ତରଙ୍କୁ ଦେଖାଇଥିଲେ । ଘରୋଇ ଡାକ୍ତର ପାଖକୁ ଯାଇ ଚିକିତ୍ସା ପରେ ଜଣ୍ଡିସ ହୋଇଥିବା ଜଣାପଡିଥିଲା। ସୂଚନା ମୁତାବକ ସେହି ଅଞ୍ଚଳର ଶ୍ରଦ୍ଧା ଶତପଥି (୧୯), ଦେବଜାନୀ ଗୌଡ (୧୭), ପ୍ରେମ ସାଗର (୧୧) ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । କିଛି ଲୋକ ଚେରମୂଳୀ ଔଷଧ ଉପରେ ଭରସା କରି ଖାଇଥିବା ଜଣାପଡିଛି। ସାହି ବାସିନ୍ଦା ପ୍ରକାଶ କରିଛନ୍ତି ଯେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନଳ ଯୋଗେ ଜଳ ପ୍ରଦାନ କରାଯାଉଥିବା ପାଣି କିଛି ମାସ ହେଲା ଗୋଳିଆ ଆସୁଛି ଏବଂ ସେଠାକାର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି । ଜଣ୍ଡିସ ବ୍ୟାପିବା ନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ପହଞ୍ଚିବା ପରେ ସିଡିଏମଓ ଡି. ସରୋଜିନୀ ଦେବୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ରୁମା ମହାପାତ୍ର, ଡାକ୍ତର ଶ୍ରୀନିବାସ ସାହୁ, ଡାକ୍ତର ସଂଗ୍ରାମ କେଶରୀ ନିମାଲଙ୍କ ନେତୃତ୍ୱରେ ଅପରାହ୍ନରେ ଉକ୍ତ ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗର ଟିମ ସହ ଗସ୍ତ କରିଥିଲେ । ଡାକ୍ତରୀ ଟିମ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରିବା ସହ ଆକ୍ରାନ୍ତ ଘରେ ବ୍ୟବହାର କରୁଥିବା ପାଣିର ନମୁନାକୁ ସଂଗ୍ରହ କରିଥିଲେ ।

## 'ଓୟୁଏସ୍‌ଏସ୍ ସିଲେକ୍ସନ୍ କମିଶନ ରୁଲ୍‌ସ, ୨୦୨୫'

# ସତ୍ୟପାଠ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**କଟକ, ୨୮।୧**
**ନ୍ୟୁଜ୍‌ବ୍ୟୁରୋ**

ପୁଲିସ ନିଯୁକ୍ତି ପାଇଁ ସରକାର ପ୍ରଣୟନ କରିଥିବା ନୂଆ ନିୟମାବଳୀ 'ଓଡ଼ିଶା ୟୁନିଫାଏଡ୍ ସର୍ଭିସେସ୍ ଷ୍ଟାଫ ସିଲେକ୍ସନ୍ କମିଶନ ରୁଲ୍‌ସ, ୨୦୨୫' କେବେ କାର୍ଯ୍ୟକାରୀ ହେବ ସେ ନେଇ ସତ୍ୟପାଠ ମାଧ୍ୟମରେ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଥିଲା। ୨୦୨୫, ଡିସେମ୍ବର ୫ରେ ସରକାର ନୂଆ ନିୟମାବଳୀ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଏହି ନୂଆ ନିୟମାବଳୀ ଅନୁସାରେ ସରକାର ଗଠନ କରିବାକୁ ଥିବା ଚୟନ କମିଶନର ସଭାପତି ଓ ସଦସ୍ୟ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ପୁଲିସ ବିଭାଗରେ ବହୁ ପଦବୀ ଖାଲିପଡ଼ିଛି। ସରକାର ଖାଲି ପଡ଼ିଥିବା ପଦବୀ ପୂରଣ ସହ ନିୟମାବଳୀ ସଂପୂର୍ଣ୍ଣ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ନୂଆ ନିୟମାବଳୀ କାର୍ଯ୍ୟକାରୀ ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ଆଉ କେତେ ଦିନ ଲାଗିବ ବୋଲି ସରକାରଙ୍କୁ ହାଇକୋର୍ଟ ପ୍ରଶ୍ନ କରିଥିଲେ। ଏଥିପାଇଁ ସରକାର ସମୟ ଲୋଡ଼ିଥିବା ବେଳେ ଦୁଇ ସପ୍ତାହ ଭିତରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହିତ ଫେବୃୟାରୀ ୧୦କୁ ମାମଲର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନୂଆ ନିୟମାବଳୀ ଅନୁସାରେ ସରକାର ଓଡ଼ିଶା ୟୁନିଫାଏଡ୍ ସର୍ଭିସେସ୍ ଷ୍ଟାଫ ସିଲେକ୍ସନ୍ କମିଶନ ଗଠନ କରିବେ। ଏଥିରେ ଅଧ୍ୟକ୍ଷ ଓ ଦୁଇ ଜଣ ସଦସ୍ୟ ରହିବେ। ସାଧାରଣ ପ୍ରଶାସନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଏହି କମିଶନ କାର୍ଯ୍ୟ କରିବ। କମିଶନ ମୁଖ୍ୟାଳୟ ଭୁବନେଶ୍ୱରରେ ହେବ। ବିଭିନ୍ନ ବିଭାଗ ତରଫରୁ ଗ୍ରୁପ-ସି ଓ ଡି'ରେ ଖାଲିଥିବା ଓ ଖାଲି ହେବାକୁ ଥିବା ପଦ ସଂକ୍ରାନ୍ତରେ କମିଶନଙ୍କୁ ପ୍ରତିବର୍ଷ ଜାନୁଆରୀରେ ଅବଗତ କରାଯିବ। ପୁଲିସ ସବ୍‌ଇନ୍ସପେକ୍ଟର, ସିପାହୀ, କନେଷ୍ଟବଳ, ଅଗ୍ନିଶମ ବିଭାଗର ଫାୟାରମ୍ୟାନ୍, ଷ୍ଟେସନ୍ ଅଫିସର ଓ ଅନ୍ୟ ପଦ, ଜେଲ ବିଭାଗର ୱାର୍ଡର, ସହକାରୀ ଜେଲର ଓ ଅନ୍ୟ ପଦ, ଅବକାରୀ ବିଭାଗର କନେଷ୍ଟବଳ, ସବ୍‌ଇନ୍ସପେକ୍ଟର, ବନ ବିଭାଗର ଫରେଷ୍ଟ ଗାର୍ଡ, ଫରେଷ୍ଟର, ରେଞ୍ଜର, ପରିବହନ ବିଭାଗର ଟ୍ରାଫିକ କନେଷ୍ଟବଳ, ଏସଆଇ (ଟ୍ରାଫିକ) ଓ ଅନ୍ୟ ପଦରେ ନିଯୁକ୍ତି ପାଇଁ ପ୍ରାର୍ଥୀ ଚୟନ ଏହି କମିଶନ ଜରିଆରେ କରାଯିବ। ଏହି ନୂଆ ନିୟମାବଳୀ ଆସିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)ର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ ଯେ ଓପିଆରବିର ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ଘଟଣାକୁ ନେଇ ଦାୟର ଜନସ୍ୱାର୍ଥ ମାମଲାରେ ପରୀକ୍ଷା ପରିଚାଳନା ପାଇଁ ସରକାରଙ୍କ ନିଜସ୍ୱ ବ୍ୟବସ୍ଥା ଥିବା ବେଳେ କ'ଣ ପାଇଁ ଘରୋଇ ଏଜେନ୍‌ସୀକୁ ଦାୟିତ୍ୱ ଦିଆଯାଇଥିଲା, ସେ ନେଇ ପ୍ରଶ୍ନ ଉଠାଯାଇଛି।

# ଗାଡ଼ି ଧକ୍କାରେ ଶିଶୁପୁତ୍ର ମୃତ ବାପା ଓ ମାଆ ଗୁରୁତର

**ଭଦ୍ରକ, ୨୮।୧**
**ନ୍ୟୁଜ୍‌ବ୍ୟୁରୋ**

ଅଜଣା ଗାଡ଼ି ଧକ୍କାରେ ୩ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ବାପା ଓ ମାଆ ଗୁରୁତର ହୋଇଛନ୍ତି। ଏହି ହୃଦୟବିଦାରକ ଘଟଣା ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥର ଡାହାଣୀ ଗଡ଼ିଆ ଛକ ନିକଟରେ ଘଟିଛି। ଗୁରୁତର ହୋଇଥିବା ବାପା ଓ ମାଆଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ନେଇ ସୂଚନା ମିଳିଛି। ମୟୂରଭଞ୍ଜ ଜିଲ୍ଲା ନିଶ୍ଚିନ୍ତପୁରର ମାଳତୀ ପାଟଣାର ଏକ ପରିବାର ବାଇକ୍ ଯୋଗେ ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।